بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୨

ସମ୍ପାଦକ: କମୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 01-02

ବାର୍ଷିକ ଦେୟ : ୬୦୦/-

www.akhbarbadr.in

21-28 ଜମାଦିଉସ୍ ସାନି 1445 ହି.କ, 4-11 ସୁଲହ୍ 1402 ହି.ଶ 4-11 JAN 2024 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

يَاۤاَيُّهَا الَّذِيۡنَ اٰمَنُوا اسۡتَجِيۡبُوۡا لِلّٰهِ وَلِلرَّسُوۡلِ اِذَا دَعَاكُمۡ لِمَا يُحۡيِيۡكُمۡ

(ଅଲ୍ ଅନ୍‌ଫାଲ୍-22)

ଅନୁବାଦ :ହେ ବିଶ୍ୱସାକାରୀମାନେ ! ତୁମେମାନେ ଅଲ୍ଲାଃତାଲା ଓ ତାହାଙ୍କ ରସୁଲଙ୍କ କଥା ଶୁଣ ଯେତବେଳେ କି ସେ ତୁମମାନଙ୍କୁ (ଆଧ୍ୟାତ୍ମିକ) ଜୀବନ ଦାନ କରିବାକୁ ଡ଼ାକନ୍ତି ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟାକ ହୁଅନ୍ତୁ । ଆମିନ୍ ।

## ନବୀ ସ.ଅଙ୍କ ବାଣୀ

### ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ଉପରେ ପ୍ରତିଷ୍ଠିତ ଥିବା ବ୍ୟକ୍ତି:

**(2493)** ହ. ନୁମାନ୍ ବିନ୍ ବଶୀର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ଉପରେ ପ୍ରତିଷ୍ଠିତ ହୁଏ ଏବଂ ସେହି ବ୍ୟକ୍ତି ଯିଏ ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ଲଂଘନ କରେ ସେହି ଲୋକମାନଙ୍କର ଉଦାହରଣ ଏପରି ଅଟେ ଯେ, ସେମାନେ ଏକ ଡଙ୍ଗାରେ କାଗଜ ଗୁଳା ପକାଇ ସ୍ଥାନ ବାଣ୍ଟିନେଲେ । ତନ୍ମଧ୍ୟରୁ କେତେକଙ୍କୁ ଉପର ସ୍ଥାନ ପ୍ରାପ୍ତ ହେଲା ତ' ଆଉ କେତେକଙ୍କୁ ନିମ୍ନ ସ୍ଥାନ ପ୍ରାପ୍ତ ହେଲା । ଅତଃ ସେହି ଲୋକମାନେ ଯେଉଁମାନେ ଉକ୍ତ ଡଙ୍ଗାର ନିମ୍ନ ଭାଗରେ ଥିଲେ ଯେତବେଳେ ସେମାନେ ଜଳ ନେବାକୁ ଇଚ୍ଛା ପ୍ରକାଶ କରୁଥିଲେ ସେତବେଳେ ସେମାନେ ଉପର ଭାଗରେ ଥିବା ବ୍ୟକ୍ତିମାନଙ୍କୁ ଅତିକ୍ରମ କରି ଜଳ ସଂଗ୍ରହ କରୁଥିଲେ । ସୁତରାଂ ସେମାନେ କହିଲେ, ଆମେମାନେ ଯଦି ନିଜ ଡଙ୍ଗର ନିମ୍ନ ଭାଗକୁ ଛିଦ୍ର କରିନେଉ ତେବେ ଆମେମାନେ ଉପର ଭାଗରେ ଥିବା ବ୍ୟକ୍ତଙ୍କୁ କଷ୍ଟ ଦେବୁ ନାହିଁ (ଏହି ଅଧିକ ଶ୍ରେୟସ୍କର ହେବ) । ଅତଃ ବର୍ତ୍ତମାନ ଡଙ୍ଗାର ଉପରିସ୍ଥ ଭାଗରେ ଥିବା ଲୋକମାନେ ନିମ୍ନ ଭାଗରେ ଥିବା ଅଭିଳାଷା ସଂକ୍ରାନ୍ତରେ ଅବଗତ ହୋଇ ସେମାନେଙ୍କୁ ଡଙ୍ଗାରେ ଛିଦ୍ର କରିବାକୁ ଅନୁମତି ପ୍ରଦାନ କରନ୍ତି ତାହାହେଲେ ସମସ୍ତେ ମୃତ୍ୟୁବରଣ କରିବେ । ଯଦି ସେମାନେ (ଉର୍ଦ୍ଧ୍ୱ ଭାଗରେ ଥିବା ଲୋକମାନେ) ନିମ୍ନ ଭାଗରେ ଥିବା ଲୋକମାନଙ୍କ ହସ୍ତ ଧରିନେବେ ତାହାହେଲେ ସେମାନେ ତ' ମୋକ୍ଷ ପ୍ରାପ୍ତ କରିବେ ହିଁ କରିବେ ତତ୍‌ସହିତ ଅନ୍ୟମାନେ ମଧ୍ୟ ମୋକ୍ଷ ପ୍ରାପ୍ତ କରିବେ ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

☆ ☆ ☆

### ପ୍ରତିଶ୍ରୃତ ମସିହ୍ ଅ.ସଙ୍କ ନିତୀବାଣୀ:-

**ଯଦି କୌଣସି ବ୍ୟକ୍ତି ମୋକ୍ଷ ପ୍ରାପ୍ତ କରିବାକୁ ଅଭିଳାଷୀ ଓ ପୁଣ୍ୟ ଜୀବନୀ କିମ୍ବା ସାର୍ବକାଳୀନ ଜୀବନ ପ୍ରାପ୍ତିର ଅଭିଳାଷୀ ତେବେ ସେ ନିଜର ଜୀବନକୁ ଅଲ୍ଲାଃତାଲାଙ୍କ ସକାଶେ ଉତ୍ସର୍ଗ କରିଦେଉ ଏବଂ ଏଥି ନିମନ୍ତେ ସେ ପ୍ରତ୍ୟେକ ଉଦ୍ୟମ ତଥା ଚିନ୍ତାରା ଲାଗିପଡୁ ଯେ, ସେ ଉକ୍ତ ସ୍ତର ଏବଂ ମର୍ଯ୍ୟାଦାକୁ ପ୍ରାପ୍ତ କରୁ ।**

**ଯେପର୍ଯ୍ୟନ୍ତ ବ୍ୟକ୍ତି ପ୍ରଭୁଙ୍କ ମଧ୍ୟରେ ବିଲୀନ ତଥା ନିମଜ୍ଜିତ ହୋଇଯାଇ ନାହିଁ, ପ୍ରଭୁଙ୍କ ମଧ୍ୟରେ ନିମଜ୍ଜିତ ହୋଇ ମୃତ୍ୟୁ ବରଣ କରି ନାହିଁ ସେପର୍ଯ୍ୟନ୍ତ ସେ ନବ ଜୀବନ ପ୍ରାପ୍ତ କରି ପାରିବା ନାହିଁ ।**

**ମନୁଷ୍ୟ ଯଦି ଅଲ୍ଲାଃତାଲାଙ୍କ ସକାଶେ ଜୀବନ ଉତ୍ସର୍ଗ କରେ ନାହିଁ ତେବେ ସେ ମନେରଖୁ ଯେ, ଏହିପରି ବ୍ୟକ୍ତିମାନଙ୍କ ସକାଶେ ଅଲ୍ଲାଃତାଲା ନର୍କକୁ ସୃଷ୍ଟି କରିଛନ୍ତି ।**

ମୁଁ ସ୍ୱୟଂ ଉକ୍ତ ମାର୍ଗ ସଂପର୍କରେ ଅଭିଜ୍ଞତା ରଖେ ଏବଂ କେବଳ ଅଲ୍ଲାଃତାଲାଙ୍କ କୃପା ଓ କଲ୍ୟାଣରୁ ହିଁ ସେହି ସୁଖ, ଶାନ୍ତି ଓ ତୃପ୍ତିରୁ ଉପକୃତ ହୋଇଛି । ମୁଁ ଏହି ଆଶା ରଖେ ଯେ, ପ୍ରଭୁଙ୍କ ମାର୍ଗରେ ଜୀବନ ଉତ୍ସର୍ଗ କରିବା ନିମନ୍ତେ ଯଦି ମୃତ୍ୟୁ ପରେ ମୁଁ ପୁନର୍ଜୀବିତ ହୁଏ ଓ ପୁଣି ମୃତ୍ୟୁବରଣ କରେ ଓ ପୁନଃ ଜୀବିତ ହୁଏ ତେବେ ପ୍ରତ୍ୟେକ ଥର ମୋର ଅଭିରୁଚି ଆନନ୍ଦ ସହକାରେ ଅଭିବୃଦ୍ଧି ପାଇବ । ମୁଁ ଯଦିଓ ସ୍ୱୟଂ ଅଭିଜ୍ଞ ବ୍ୟକ୍ତି ଓ ଏହି ଅଭିଜ୍ଞତା କରି ସାରିଛି ଯେ, ଅଲ୍ଲାଃତାଲା ମୋତେ ସେହି ଉତ୍ସର୍ଗ ନିମନ୍ତେ ଏକ ଉତ୍ସାହ ପ୍ରଦାନ କରିଛନ୍ତି ଯେ, ମୋତେ ଯଦି ଏହା କହିଦିଆଯାଏ ଯେ, ଉକ୍ତ ଉତ୍ସର୍ଗରେ କୌଣସି ପୁଣ୍ୟ ଓ ଲାଭ ନାହିଁ ବରଂ ଦୁଃଖ ଓ କଷ୍ଟ ହେବ ତେବେ ମଧ୍ୟ ମୁଁ ଇସଲାମ୍ ଧର୍ମର ସେବା କରିବାରୁ କେବେ ବି ନିବୃତ୍ତ ତଥା ବିରତ ହେବି ନାହିଁ । ତେଣୁ ଏହାକୁ ମୁଁ ନିଜର ଏହି କର୍ତ୍ତବ୍ୟ ବୋଲି ମନେକରୁଛି କି ଉପଦେଶକୁ ଶୁଣୁ ବା ନଶୁଣୁ ! ଯଦି କୌଣସି ବ୍ୟକ୍ତି ମୋକ୍ଷ ପ୍ରାପ୍ତ କରିବାକୁ ଚାହୁଁଛି ତେବେ ଏବଂ ପୁଣ୍ୟ ଜୀବନ କିମ୍ବା ସାର୍ବକାଳୀନ ଜୀବନର ଅଭିଳାଷୀ ତେବେ ସେ ଅଲ୍ଲାଃତାଲାଙ୍କ ସକାଶେ ନିଜର ଜୀବନକୁ ଉତ୍ସର୍ଗ କରୁ ଓ ପ୍ରତ୍ୟେକ ବ୍ୟକ୍ତି ଏହା ଉଦ୍ୟମ କରୁ ତଥା ଚିନ୍ତନରେ ଲାଗିପଡୁ ଯେ, ସେ ଉକ୍ତ ସ୍ତର ଓ ମର୍ଯ୍ୟାଦାକୁ ପ୍ରାପ୍ତ କରୁ । କାରଣ ସେ ଏହା କହିପାରିବ ଯେ, ମୋର ଜୀବନ, ମୋର ମରଣ, ମୋର ବଳିଦାନ, ମୋର ଉପାସନା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ହ. ଇବ୍ରାହିମ୍ ଅ.ସଙ୍କ ପରି ତା'ର ଆତ୍ମା କହି ଉଠିବ । اَسۡلَمۡتُ لِرَبِّ الۡعٰلَمِیۡنَ **(ଅଲ୍ ବକରାହ୍:132)** ଅର୍ଥାତ୍ ଆମ୍ଭେ ସମଗ୍ର ଜଗତର ପାଳନକର୍ତ୍ତାଙ୍କ ଆଜ୍ଞାବହ ହୋଇସାରିଛୁ । ଯେପର୍ଯ୍ୟନ୍ତ ବ୍ୟକ୍ତି ପ୍ରଭୁଙ୍କ ମଧ୍ୟରେ ବିଲୀନ ତଥା ନିମଜ୍ଜିତ ହୋଇଯାଇ ନାହିଁ, ପ୍ରଭୁଙ୍କ ମଧ୍ୟରେ ତଲ୍ଲୀନ ହୋଇ ପ୍ରଭୁଙ୍କର ହୋଇ ମୃତ୍ୟୁବରଣ କରି ନାହିଁ ସେପର୍ଯ୍ୟନ୍ତ ସେ ନବ ଜୀବନ ପ୍ରାପ୍ତ କରିପାରିବ ନାହିଁ ।

ସୁତରାଂ ତୁମେମାନେ ମୋ ସହିତ ସଂପର୍କ ରଖିଛ, ତୁମେମାନେ ଅବଲୋକନ କୁରଛ ଯେ, ପ୍ରଭୁଙ୍କ ନିମନ୍ତେ ଜୀବନ ଉତ୍ସର୍ଗ କରିବାକୁ ନିଜ ଜୀବନର ପ୍ରକୃତ ଅଭିପ୍ରାୟ ବୋଲି ମନେକରୁଛି । ପୁନଶ୍ଚ ତୁମେମାନେ ନିଜ ଭିତରେ ଉଣ୍ଡି ଦେଖ ଯେ, ତୁମମାନଙ୍କ ମଧ୍ୟରୁ କେତେ ଜଣ ଅଛନ୍ତି ଯିଏ ମୋର ଏହି କାର୍ଯ୍ୟକୁ ନିଜ ପାଇଁ ପସନ୍ଦ କରୁଛନ୍ତି ଓ ପ୍ରଭୁଙ୍କ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିବାକୁ ପ୍ରିୟ ବୋଲି ମନେକରନ୍ତି ?

ମନୁଷ୍ୟ ଯଦି ଅଲ୍ଲାଃତାଲାଙ୍କ ସକାଶେ ନିଜର ଜୀବନକୁ ଉତ୍ସର୍ଗ କରେ ନାହିଁ ତେବେ ସେହି ବ୍ୟକ୍ତି ଏକଥା ମନେରଖୁ ଯେ, ଏହିପରି ଲୋକମାନଙ୍କ ନିମନ୍ତେ ଅଲ୍ଲାଃତାଲା ନର୍କ ସୃଷ୍ଟି କରୁଛନ୍ତି । ଉକ୍ତ ଆୟତରୁ ସ୍ପଷ୍ଟ ରୂପେ ଜ୍ଞାତ ହୁଏ ଯେ, ଯେପରି କେତେକ ମୂର୍ଖ ଓ ମନ୍ଦବୁଦ୍ଧି ଲୋକମାନେ ଏହା ମନେ ରଖନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତିକୁ ଅବଶ୍ୟ ନର୍କ ଯିବାକୁ ପଡ଼ିବ, ଏହା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ । ହଁ ତହିଁରେ କୌଣସି ସଂଶୟ ନାହିଁ ଅଳ୍ପ ସଂଖ୍ୟକ ବ୍ୟକ୍ତିମାନେ ଯେଉଁମାନେ ନର୍କର ଶାସ୍ତିରୁ ସଂପୂର୍ଣ୍ଣ ରୂପେ ସୁରକ୍ଷିତ ଅଟନ୍ତି ଏବଂ ଏହା ଆଶ୍ଚର୍ଯ୍ୟକର କଥା ନୁହେଁ । ଅଲ୍ଲାଃତାଲା କୁହନ୍ତି قَلِيْلٌ مِّنْ عِبَادِيَ الشَّكُوْرُ **(ଅସ୍ ସବା: 14)** ଅର୍ଥାତ୍ ଆମ୍ଭର ଭକ୍ତମାନଙ୍କ ମଧ୍ୟରୁ ଅଳ୍ପ ସଂଖ୍ୟକ ଲୋ କୃତଜ୍ଞ ହୁଅନ୍ତି ।

**(ମଲ୍ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-501, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆ ☆☆

**ଜରୁରୀ ନୁହେଁ ଯେ, ଉକ୍ତ ଆୟତ୍‌ର ଅର୍ଥ ଶେଷ ଯୁଗ ଉପରେ ହିଁ ଚରିତାର୍ଥ କରାଯାଉ ବରଂ । ଅତ୍ୟନ୍ତ ଘମୋଘୋଡ଼ ଯୁଦ୍ଧ କିମ୍ବା ଭୀଷଣ ଭୂମିକମ୍ପ ସମୟରେ ମଧ ଏହି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଥାଏ ।**

**ଯେତେବେଳେ କାଙ୍ଗଡ଼ା ଜିଲ୍ଲାରେ 1905 ମସିହାରେ ଭୂମିକମ୍ପ ହେଲା ଏହି ଭୂମିକମ୍ପ ଯୋଗୁଁ 30,000 ଲୋକମାନେ ଅକାଳରେ ମୃତ୍ୟୁ ବରଣ କରିଥିଲେ । ଗାଁ ଗଣ୍ଡା ଏପରି ଧ୍ୱଂସ ହୋଇଥିଲା ଯେପରିକି ପୂର୍ବେ ସେମାନଙ୍କର କୌଣସି ଚିହ୍ନବର୍ଣ୍ଣ ନଥିଲା । ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ସଂପୂର୍ଣ୍ଣ ପଞ୍ଜାବ ଦୋହୋଲି ଯାଇଥିଲା । ସେତେବେଳେ ପଞ୍ଜାବରେ ମଧ କାଙ୍ଗଡ଼ା ପରି ଭୂମିକମ୍ପ ହୋଇଥିଲା ଏବଂ ସମାନ ଦଶା ଲୋକମାନେ ଭୋଗିଥିଲେ ।**

ହ. ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାଃ ଅଲ୍ କହଫ୍‌ର ଆୟତ୍ ନଂ 2-3 يَاۤاَيُّهَا النَّاسُ اتَّقُوْا رَبَّكُمْ ۚ اِنَّ زَلْزَلَةَ السَّاعَةِ شَيْءٌ عَظِيْمٌ يَوْمَ تَرَوْنَهَا تَذْهَلُ كُلُّ مُرْضِعَةٍ عَمَّاۤ اَرْضَعَتْ وَتَضَعُ كُلُّ ذَاتِ حَمْلٍ حَمْلَهَا وَتَرَى النَّاسَ سُكٰرٰى وَمَا هُمْ بِسُكٰرٰى وَلٰكِنَّ عَذَابَ اللّٰهِ شَدِيْدٌ ର ବ୍ୟାଖ୍ୟା କରି କୁହନ୍ତି: ଉପରୋକ୍ତ ଆୟତ୍ ସଂକ୍ରାନ୍ତରେ ଏହା ସ୍ମରଣ ରଖିବା ଉଚିତ୍ ଯେ, ଜରୁରୀ ନୁହେଁ ଯେ, ଉକ୍ତ ଆୟତ୍‌ର ଅର୍ଥ ଶେଷ ଯୁଗ ଉପରେ ହିଁ ଚରିତାର୍ଥ କରାଯାଉ ବରଂ ଅତ୍ୟନ୍ତ ଘମୋଘୋଡ଼ ଯୁଦ୍ଧ କିମ୍ବା ଭୀଷଣ ଭୂମିକମ୍ପ ସମୟରେ ମଧ ଏହି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଯେତେବେଳେ କାଙ୍ଗଡ଼ା ଜିଲ୍ଲାରେ 1905 ମସିହାରେ ଭୂମିକମ୍ପ ହେଲା ଏହି ଭୂମିକମ୍ପ ଯୋଗୁଁ 30,000 ଲୋକମାନେ ମୃତ୍ୟୁ ବରଣ କରିଥିଲେ । ଗାଁ ଗଣ୍ଡା ଏପରି ଧ୍ୱଂସଲୀଳା ହୋଇଥିଲା ଯେପରିକି ପୂର୍ବେ ସେମାନଙ୍କର କୌଣସି ଚିହ୍ନବର୍ଣ୍ଣ ନଥିଲା । ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ସଂପୂର୍ଣ୍ଣ ପଞ୍ଜାବ ଦୋହୋଲି ଯାଇଥିଲା । ସେତେବେଳେ ପଞ୍ଜାବରେ ମଧ କାଙ୍ଗଡ଼ା ପରି ଭୂମିକମ୍ପ ହୋଇଥିଲା ଏବଂ ସମାନ ଦଶା ଲୋକମାନେ ଭୋଗିଥିଲେ । ସେହିପରି 1935 ମସିହାରେ ଯେତେବେଳେ କ୍ୱେଟାରେ ଭୂମିକମ୍ପ ଆସିଲା ସେତେବେଳେ ଆହତ ଓ ଭୂମିକମ୍ପରୁ ବର୍ତ୍ତି ଯାଇଥିବା ଲୋକମାନେ ସ୍ପେଶାଲ୍ (ସ୍ୱତନ୍ତ୍ର) ଟ୍ରେନ୍ ଯୋଗେ ଆସୁଥିଲେ ଯେତେବେଳେ ଲୋକମାନେ ପାଗଳଙ୍କ ପରି ରୋଦନା ତଥା ବିଳାପ କରି ଷ୍ଟେସନରେ ଏଣେତେଣେ ନିଜର କୌଣସି ଆତ୍ମୀୟ ସ୍ୱଜନ, ବନ୍ଧୁ ପରିଜନ, ସଂପର୍କୀୟଙ୍କୁ ଦେଖିବାକୁ ପାଉ ନଥିଲେ ସେତେବେଳେ ସେଠାରେ ରୋଦନ ଓ ବିଳାପମୟ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଉଥିଲା । ଏକ ସମ୍ବାଦପତ୍ରର ସମ୍ପାଦକ ଉଲ୍ଲେଖ କରନ୍ତି ଯେ, ମୁଁ ଏକ ମହିଳାକୁ ଦେଖିଲି ସେ ଏହିପରି ଷ୍ଟେସନରେ ଏପଟେ ସେପଟେ ବୁଲୁଥିଲା ଯେପରି ଜଣେ ମଦ୍ୟପ ନିଶାରେ ନିଶାସକ୍ତ ହୋଇ ବୁଲିଥାଏ । ଉକ୍ତ ମହିଳା ଜଣକ କେତେବେଳେ ବାମ ପାର୍ଶ୍ୱରେ ପଡୁଥିଲେ ତ' ଆଉ କେତେବେଳେ ଦକ୍ଷିଣ ପାର୍ଶ୍ୱରେ । ସେ କାନ୍ଦି କାନ୍ଦି କହୁଥିଲା ଯେ, ମୋର ସମସ୍ତ ଆତ୍ମୀୟ ସ୍ୱଜନ ଏବଂ ସଂପର୍କୀୟମାନେ ଚାଲିଗଲେ, କେହି ବି ଆଉ ଜୀବିତ ନାହାନ୍ତି । କେତେକ ଲୋକମାନେ ବର୍ଣ୍ଣନା କଲେ ଯେ, ଯେତେବେଳେ ବିପଦାଗ୍ରସ୍ତ ଲୋକମାନେଙ୍କୁ ପଚରା ଯାଉଥିଲା ସେତେବେଳେ ସେମାନେ ଉତ୍ତର ଦେବା ପରିବର୍ତ୍ତେ ଚିତ୍କାର କରି ରୋଦନ କରୁଥିଲେ । ପୁନଶ୍ଚ ଅନେକ ଲୋକ ଉକ୍ତ ବିଭୀଷିକା ଯୋଗୁଁ ପାଗଳ ହୋଇଯାଇଥିଲେ । ସେହି ଦିନମାନଙ୍କରେ ସମ୍ବାଦ ପତ୍ରରେ ଏହା ଖବର ପ୍ରକାଶିତ ହେଉଥିଲା ଯେ, କ୍ୱେଟାରୁ ମୁଲତାନ୍ ଅଭିମୁଖେ ଗାଡ଼ି ଆସୁଥିବା ସମୟରେ ବାଟରେ ଦୁଇ ଜଣ ମହିଳା ଗଭୀର ଶୋକ ଯନ୍ତ୍ରଣା ତଥା ଦୁଃଖ ଯୋଗୁଁ ପାଗଳ ହୋଇଗଲେ । ଆଉ ଜଣେ ବ୍ୟକ୍ତି ମଧ ପାଗଳ ହୋଇଗଲା ଓ ସେ ଚଳନ୍ତା ଟ୍ରେନରୁ ଡେଇଁ ପଡ଼ିଲା । ସୁତରାଂ ଏହା ଏଭଳି ହୃଦୟ ବିଦାରକ ଦୃଶ୍ୟ ଥିଲା ଯେ, ଉକ୍ତ ଦୃଶ୍ୟକୁ ଅବଲୋକନ କରୁଥିବା ବ୍ୟକ୍ତିମାନଙ୍କ ଅପେକ୍ଷା ପାଠ କରୁଥିବା ବ୍ୟକ୍ତିମାନେ ସ୍ତବ୍ଧ ଓ ଚକିତ ରହିଯାଇଥିଲେ ଏବଂ ସେମାନଙ୍କ ହୃଦୟ ବ୍ୟକୁଳିତ ଓ ଅଧୀରତା ଦ୍ୱାରା ପରିପୂର୍ଣ୍ଣ ହୋଇଯାଉଥିଲା ।

15 ଜାନୁୟାରୀ 1934 ମସିହାରେ ଜଣେ ପ୍ରଳୟଦିବସ ସଦୃଶ ଭୂମିକମ୍ପ ଆସିଥିଲା । ଏଥି ସଂକ୍ରାନ୍ତରେ ଲର୍ଡ଼ ରିଡ଼ିଂ ଭାରତର ପୂର୍ବତନ ଭାଇସରୟ ଲଣ୍ଡନରେ ଏକ ଭାଷଣ ଦେଇ ଲୋତକାପ୍ଲୁତ ହୋଇ କହିଥିଲେ, "ଉକ୍ତ ଭୂମିକମ୍ପଟି ଏତେ ଭୟଙ୍କର ଥିଲା ଭାରତବର୍ଷର ଇତିହାସରେ ଏହାର କୌଣସି ଦୃଷ୍ଟାନ୍ତ ଦେଖିବାକୁ ମିଳୁ ନାହିଁ । **(ଅଖବାର୍ ରସୁଲ୍, ଫେବୃୟାରୀ ମାସ 10 ତାରିଖ, 1934 ମସିହା)** । ସେତେବେଳେ ମଧ ଲୋକମାନଙ୍କର ସମାନ ଦଶା ହୋଇଥିଲା । ଲକ୍ଷ୍ନୌର **'ହକିକତ୍'** ନାମକ ସମ୍ବାଦ ଉଲ୍ଲେଖ କଲା ଯେ, ମନୁଷ୍ୟ ତ' ମନୁଷ୍ୟ ଖୋଦ୍ ଜୀବଜନ୍ତୁମାନେ ମଧ ଉକ୍ତ ଐଶୀ ବିପର୍ଯ୍ୟୟ ଯୋଗୁଁ ହତସଂଜ୍ଞ ଏବଂ ହତବମ୍ବ ହୋଇ ପଡ଼ିଥିଲେ ଏବଂ ଜୀବଜନ୍ତୁମାନେ ହତବୁଦ୍ଧି ହୋଇ ମନୁଷ୍ୟମାନଙ୍କ ନିକଟକୁ ଧାଇଁ ଆସୁଥିଲେ । **(ହକିକତ୍, 18 ଜାନୁୟାରୀ 1934 ମସିହା)**

**'ଅମ୍ରିତ୍ ବାଜାର'** ନାମକ ଏକ ସମ୍ବାଦପତ୍ରର ସମ୍ପାଦକ ଉଲ୍ଲେଖ କରନ୍ତି ଯେ, "ମୁଁ ଅନେକ ଲୋକମାନଙ୍କୁ ଝରକା ମଧ୍ୟରୁ ଉଣ୍ଡୁଥିବାର ଅବଲୋକନ କଲି । କିନ୍ତୁ ସେମାନେ ତଳକୁ ଓହ୍ଲାଇବା ପୂର୍ବରୁ କାନ୍ଥଗୁଡ଼ିକ ଦୁଲ୍ ଦାଲ୍ ହୋଇ ପଡ଼ିଯାଉଥିଲା । ଏପରି ପ୍ରତିତି ହେଉଥିଲା ଯେପରିକି ମନୁଷ୍ୟର ମସ୍ତିଷ୍କ, ହସ୍ତ ଓ ବାହୁମାନଙ୍କର ବର୍ଷା ହେଉଛି ।" **(ପ୍ରତାପ ଲାହୋର, 26 ଜାନୁୟାରୀ 1934 ମସିହା)** । ମୁଁଙ୍ଗେର୍‌ର ବିନାଶ ସଂପର୍କରେ ଜଣେ ବ୍ୟକ୍ତି ନିଜର ପ୍ରତ୍ୟେକ୍ଷ ଦର୍ଶୀମୂଳକ ଘଟଣା ସଂପର୍କରେ ବର୍ଣ୍ଣନା କରି ଉଲ୍ଲେଖ କଲେ ଯେ, ସେତେବେଳେ "ଭୂମିରେ ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଦୁଇଟି ପ୍ରତିକ୍ରିୟା ହେଲା, ଏହାପରେ ଏପରି ପ୍ରତିତ ହେଲା ଯେ, କେହି ଭୂମିକୁ ଚରଖ ଉପରେ ରଖି ଘୂରାଇ ଦେଇଛି । ମୋ ଚେତାଶୂନ୍ୟ ହୋଇ ପଡ଼ିଗଲି । ଅଧ ଘଣ୍ଟା ପରେ ଯେତେବେଳେ ମୋର ଚେତା ଫେରିଲା ସେତେବେଳେ ଅଦ୍ଭୁତ ଦୃଶ୍ୟ ମୋ ସମ୍ମୁଖରେ ଥିଲା। ଯେଉଁଠି ମୋର ନଜର ପଡୁଥିଲା ସେଠାରେ ଖାଲି ଖଣ୍ଡିତ ଏବଂ ପରିତ୍ୟକ୍ତ ଘର ଦୃଶ୍ୟମାନ ହେଉଥିଲା । ଏପରି ପ୍ରତିତ ହେଉଥିଲା ଯେ, ମୁଁ ମୁଙ୍ଗେର୍‌ରେ ନୁହେଁ ଅନ୍ୟ କେଉଁଠି ଅଛି । ସହର ଅବସ୍ଥା ଏତେ ବଦଳି ଯାଇଥିଲା ଯେ ମୁଁ ନିଜର ଘରକୁ ମଧ ଚିହ୍ନି ପାରୁ ନଥିଲି । **(ଇନ୍‌କିଲାବ୍, 1 ଫେବୃୟାରୀ 1934 ମସିହା)"** ।

ସେହିପରି **'ମିଲାପ'** ସମ୍ବାଦପତ୍ରର ସମ୍ପାଦକ ମହୋଦୟ ଉଲ୍ଲେଖ କରନ୍ତି ଯେ, "ମାତାପିତାଙ୍କ ସନ୍ଧାନରେ ପିଲାମାନେ ବାଉଳି ହେଉଛନ୍ତି ଏବଂ ଏଣେତେଣେ ଧାଉଁଛନ୍ତି । ଯେଉଁ ପିଲାମାନେ ପୂର୍ବେ ଘରେ ଥିଲେ ସେମାନେ ସେହି ଘରର ଗୋଟିଏ ଗୋଟିଏ ଇଟା ଉଠାଇ ଦେଖୁଛନ୍ତି ଯେ, ସେମାନଙ୍କର ମାତାପିତାଙ୍କୁ ଖୋଜୁଛନ୍ତି ଏବଂ ମନେମନେ ଭାବୁଛନ୍ତି ଯେ, ସେମାନଙ୍କର ମାତାପିତା ସେମାନଙ୍କୁ ଇଟା ତଳୁ ଦେଖା ଯାଆନ୍ତୁ ଓ ସେମାନଙ୍କୁ ବାତ୍ସଲ୍ୟତା କଣ୍ଠରେ ଧନ ବୋଲି ଡାକନ୍ତୁ । କିନ୍ତୁ ଭୂମିକମ୍ପ କାହାରିକୁ ଜୀବନ୍ତ ରଖିବାକୁ ଦେଇ ନାହିଁ । ଯେତବେଳେ ଘର ଖୋଳୁ ଖୋଳୁ ଧ୍ୱଂସାବଶେଷସ୍ଥ ସ୍ତୁପ ମଧ୍ୟରୁ ଶବଗୁଡ଼ିକ ବାହାରୁଥିଲା ସେତେବେଳେ ଚିତ୍କାର, ବିଳାପ, ରୋଦନର କୌଣସି ସୀମା ନଥିଲା । ପଥରରୁ ପଥର ହୃଦୟ ମଧ କାନ୍ଦୁଥିଲା ।" **('ମିଲାପ' 25 ଜାନୁୟାରୀ 1934 ମସିହା)** ସମାନ୍ ଅବସ୍ଥା ଯୁଦ୍ଧରେ ମଧ ହୋଇଥାଏ । ସୁତରାଂ ଏକ ହଦିସରେ ଉଲ୍ଲେଖ ରହିଛି ଯେ, ରସୁଲ୍ କରୀମ୍ ସ.ଅ ଏକଦା ଯୁଦ୍ଧରେ ଏକ ମହିଳାକୁ ଦେଖିଲେ ଯିଏ ପାଗଳିନୀ ହୋଇ ଧାଇଁ ବୁଲୁଥିଲା । ତା'ର ସନ୍ତାନ କେଉଁଠି ହଜି ଯାଇଥିଲା । ସେ କେତେବେଳେ ଗୋଟିଏ ପିଲାକୁ ଧରୁ ଥିଲା ତ' ଆଉ କେତେବେଳେ ଅନ୍ୟ ପିଲାକୁ ଉଠାଉଥିଲା । ପୁନଶ୍ଚ ସେ ପାଗଳିନୀ ପରି ନିଜ ସନ୍ତାନର ସନ୍ଧାନରେ ବାହାରି ପଡୁଥିଲା। ଏପର୍ଯ୍ୟନ୍ତ କି ତା'କୁ ତା'ର ସନ୍ତାନ ଦୃଶ୍ୟମାନ ହେଲା । ସେ ଦଉଡ଼ି ଯାଇ ନିଜ ସନ୍ତାନକୁ କୋଳରେ ଉଠାଇ ନେଇଁ ତା'କୁ ସ୍ନେହ କରିବାକୁ **(ଅବଶିଷ୍ଟାଂଷ.....ପୃ- 12 ରେ)**

## ବିଗତ ଶୁମାର୍ ନଂ49ରେ ବର୍ଣ୍ଣିତ ହୁଜୁର୍ ଅନ୍ୱର୍ ଅ.ବଙ୍କ ଖୁତ୍‌ବା ଜୁମା (21-4-2023) ର ଅବଶିଷ୍ଟାଂଶ.........

ସେ ଆମମାନଙ୍କୁ କଲ୍ୟାଣ ଦ୍ୱାରା ସମ୍ମାନିତ କରୁଥିବେ । ଅର୍ଥାତ୍ ଆମେମାନେ ଯଦି ରମ୍‌ଜାନ୍ ମାସରେ ନିଷ୍ଠାପର ହୋଇ ନିଜର ଉପାସନା ତଥା କର୍ମ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ସମ୍ପାଦନ କରିବୁ ତେବେ ପ୍ରଭୁ ଆମମାନଙ୍କୁ କିଛିଟା ସମ୍ମାନିତ କରିବେ । ସୁତରାଂ ପ୍ରକୃତ ବସ୍ତୁ ହେଉଛି ଧର୍ମପରାୟଣତା, ନିୟମିତ ସ୍ୱଭାବ ଦ୍ୱାରା ତାହାଙ୍କ ଆଦେଶାବଳୀର ଆଜ୍ଞା ପାଳନ କରିବା ।

ସୁତରାଂ ମୂଳ ଲକ୍ଷ୍ୟ ହେଲା ଧର୍ମପରାୟଣତା । ବିଧିବଦ୍ଧ ଭାବରେ ପୂର୍ଣ୍ଣ ମନଯୋଗ ଦ୍ୱାରା ହିଁ ପ୍ରଭୁଙ୍କ ଆଦେଶାବଳୀ ଉପରେ ପରିଚାଳିତ ହେବାକୁ ସକ୍ଷମ ହୋଇପାରିବୁ । ସେହିପରି ପ୍ରକୃତ ବସ୍ତୁ ହେଉଛି ପ୍ରଭୁଙ୍କ ଭୟ ଓ ତାହାଙ୍କ ପ୍ରସନ୍ନତା ଏବଂ ସାନ୍ନିଧ ପ୍ରାପ୍ତି । ଯଦି ଏହି ଅବସ୍ଥା ଆମ ମଧ୍ୟରେ ଦେଖିବାକୁ ମିଳେ ତେବେ ସେପରିପ୍ରେକ୍ଷୀରେ ଆମେମାନେ ପୁନଃ ସାଂସାରିକ ଜୀବନରେ ପ୍ରବେଶ କରିପାରିବୁ ନାହିଁ, ଯେଉଁଠି ଧର୍ମକୁ ସାଂସାରିକତା ଉପରେ ଅଗ୍ରାଧିକାର ଦେଇ ଧର୍ମକୁ ପାସୋରି ବସିବୁ । ଆମେମାନେ ଏହି ରମ୍‌ଜାନ୍ ମାସରେ ଯାହାକିଛି ଓ ଯେଉଁ ପ୍ରକାରର ଉପାସନା ତଥା ନିଜର ଆତ୍ମସଂଶୋଧନ ନିମନ୍ତେ ଉଦ୍ୟମ କରିଛେ, ଅଲ୍ଲାଃତାଲା ତାହାକୁ ସ୍ୱୀକାର କରି ଆମମାନଙ୍କୁ ପୁରସ୍କୃତ କରି ଚାଲନ୍ତୁ। ଅତଏବ୍ ଏହି ମୂଳ ଉଦ୍ଦେଶ୍ୟକୁ ଆମମାନଙ୍କୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ । ଉକ୍ତ ଅଭିପ୍ରାୟର ପ୍ରାପ୍ତି ନିମନ୍ତେ ପ୍ରତ୍ୟେକ ଅହେମଦିକୁ ସର୍ବଦା ପାଇଁ ନିଜ ସମ୍ମୁଖରେ ଆଦର୍ଶ ରୂପେ ରଖିବା ଉଚିତ । ଯେତେବେଳେ ଆମେମାନେ ନିଜ ଜୀବନକୁ ଧର୍ମପରାୟଣତା ମାର୍ଗ ଉପରେ ପରିଚାଳିତ କରିବା ନିମନ୍ତେ ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ପାଇଁ ଅତିବାହିତ କରୁଥିବୁ ସେତେବେଳେ ଆମେମାନେ ସ୍ୱୟଂ ନିଜର ସନ୍ତାନମାନଙ୍କୁ ଓ ନିଜର ଆଗାମୀ ବଂଶଧରମାନଙ୍କ ସମ୍ମୁଖରେ ଯେଉଁ ଉଦାହରଣ ଉପସ୍ଥାପିତ କରୁଅଛେ ଯଦ୍ଦ୍ୱାରା ପୁଣ୍ୟାବଳୀର ଏକ ନବ ଜାଗରଣ ଗୋଟିଏ ପିଢୀରୁ ଅନ୍ୟ ଏକ ପିଢୀ ମଧ୍ୟରେ ସଂପ୍ରସାରିତ ହୋଇଥାଏ ।

ଅଲ୍ଲାଃତାଲାଙ୍କ କୃପାରୁ ଆମେମାନେ ଯୁଗାବତାରଙ୍କୁ ଓ ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କୁ ସ୍ୱୀକାର କରି ତାହାଙ୍କ ବୈଅତ୍ କରିଛେ ଓ ଯେଉଁ ସର୍ତ୍ତ ଉପରେ ଆମେ ବୈଅତ୍ କରିଛେ ତାହାର ସାରାଂଶ ଏହିକି ଯେ, ସର୍ବଦା ଧର୍ମପରାୟଣତାକୁ ଦୃଷ୍ଟି ସମ୍ମୁଖରେ ରଖିବାକୁ ହେବ । ହ. ମସିହ୍ ମଉଦ୍ ଅ.ସ ଏଥି ନିମନ୍ତେ ଆମମାନଙ୍କୁ ବାରମ୍ବାର ଅନୁପ୍ରାଣିତ କରିଛନ୍ତି । କାରଣ ଆମ ଜୀବନରେ ସେହି ବିପ୍ଲବ ସୃଷ୍ଟି ହୋଇଯାଉ ଯାହା ପ୍ରତ୍ୟେକ ବର୍ଷ ସୃଷ୍ଟି ହେଉଥିବ ନା କି କେବଳ ଏହି ଏକ ମାସ ମଧ୍ୟରେ ସୃଷ୍ଟି କରିବାର ପ୍ରୟାସ ଯେପରି ନହେଉ। ନିଃସନ୍ଦେହ ରମ୍‌ଜାନ୍ ମାସରେ ଧର୍ମପରାୟଣତାର ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ଅଲ୍ଲାଃତାଲା ଏକ ସଂସ୍କାରମୂଳକ ପରିବେଶ ଓ ବ୍ୟବସ୍ଥା ଆମମାନଙ୍କ ନିମନ୍ତେ ଉପଲବ୍ଧ କରିଛନ୍ତି । କିନ୍ତୁ ତାହା ଏଇଥିପାଇଁ ଯେ, ପ୍ରତ୍ୟେକ ରମ୍‌ଜାନ ମାସ ପରେ ଆମେମାନେ ଧର୍ମପରାୟଣତାର ପରବର୍ତ୍ତୀ ଉଚ୍ଚତର ସ୍ତରକୁ ପ୍ରାପ୍ତ କରିଚାଲିବୁ । ନା କି ଏଇଥିପାଇଁ ଯେ, ରମ୍‌ଜାନ ମାସ ପରେ ଆମେମାନେ ପୁନଃ ନିଜର ନିମ୍ନ ସ୍ତରକୁ ଖସି ଆସିବୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି ହ. ମସିହ୍ ମଉଦ୍ ଅ.ସ ଧର୍ମପରାୟଣତାକୁ ଉଚ୍ଚ କରି ଓ ଆମର ସଂଶୋଧନ ନିମନ୍ତେ ପ୍ରେରିତ ହୋଇଛନ୍ତି ଏବଂ ଧର୍ମପରାୟଣତାକୁ ସ୍ଥାପନ କରିବା ନିମନ୍ତେ ଆମମାନଙ୍କୁ ଅନୁପ୍ରାଣିତ ମଧ୍ୟ କିରଛନ୍ତି । ସୁତରାଂ ଏକ ଅବସରରେ ଆପଣ ଅ.ସ କହୁନ୍ତି: "ମୁଁ ଏଇଥିପାଇଁ ପ୍ରେରିତ ହୋଇଅଛି ଯେ, ସତ୍ୟ ଓ ବିଶ୍ୱାସର ଯୁଗ ପୁନଃ ଫେରିଆସୁ ଏବଂ ହୃଦୟରେ ଧର୍ମପରାୟଣତା ସୃଷ୍ଟି ହେଉ । ଅତଏବ ଏହି କାର୍ଯ୍ୟ ହିଁ ମୋ ଅସ୍ତିତ୍ୱର ମୁଖ୍ୟ ଅଭିପ୍ରାୟ ଅଟେ । ମୋତେ କୁହାଯାଇଛି ଯେ, ଆକାଶ ପୁନଃ ଭୂମି ସହିତ ସମୀପବର୍ତ୍ତୀ ହେବ କାରଣ ପୂର୍ବେ ଏହା ବହୁତ ଦୂରେଇ ଯାଇଥିଲା (ଅର୍ଥାତ୍ ମର୍ତ୍ତ୍ୟବାସୀ ପ୍ରଭୁଙ୍କ ଠାରୁ ଦୂରେଇ ଯାଇଥିଲେ ବର୍ତ୍ତମାନେ ସେମାନେ ପ୍ରଭୁଙ୍କର ସମୀପବର୍ତ୍ତୀ ହେବେ)।" **(କିତାବୁଲ୍ ବରିୟାହ୍, ରାହାନୀ ଖଜାଏନ୍, ଭାଗ-13, ପୃ-293-294ର ବି.ଦ୍ର)**

ଅତଏବ୍ ଏହା ହେଉଛି ସେହି କଥା ଯାହାକୁ ଆମେମାନେ ସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ । ଆପଣ ଅ.ସଙ୍କ ଯୁଗ ଯାହାକି ଖିଲାଫତ୍ ଅଲା ମିନ୍‌ହାଜେ ନବୁୱତ୍ ଉପରେ ପ୍ରତିଷ୍ଠିତ ହେଲା, ସେହି ଯୁଗ ଆଁହଜରତ ସ.ଅଙ୍କ ଭବିଷ୍ୟତବାଣୀ ଅନୁଯାୟୀ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହିବ । ଆପଣ ଅ.ସଙ୍କ ଅନୁଗାମୀମାନେ ହିଁ ଅଟନ୍ତି ଯେଉଁମାନେ ସତ୍ୟତା ଉପରେ ପ୍ରତିଷ୍ଠିତ ହୋଇ ନିଜର ବିଶ୍ୱାସର ସୁରକ୍ଷା କରିବେ ଓ ତାହାର ଉଚ୍ଚ ସ୍ତର ପ୍ରାପ୍ତ କରିବେ। ଏହା କେବଳ ଗୋଟିଏ ମାସର ପୁଣ୍ୟ କର୍ମ କରିବା ଦ୍ୱାରା କିମ୍ବା ପୁଣ୍ୟାବଳୀର ଅଭିଳାଷା କରିବା ଦ୍ୱାରା, ଏକ ମାସର ଉପାସନା ଓ ଉପାସନାରେ ବିଶେଷ ଅଭିରୁଚି କିମ୍ବା ମସ୍‌ଜିଦକୁ ଏକ ମାସ ପର୍ଯ୍ୟନ୍ତ ବିଶେଷ ରୂପେ ପୂର୍ଣ୍ଣ ରଖିବା ଦ୍ୱାରା ପ୍ରାପ୍ତ ହେବା ନାହିଁ । ବରଂ ଯେତେବେଳେ ଆମେମାନେ ସତ୍ୟତାକୁ ସ୍ୱୀକାର କରିଛେ ସେତେବେଳେ ଆପଣ ଅ.ସଙ୍କୁ ପ୍ରତିଶୃତ ମସିହ୍ ଓ ମେହ୍‌ଦୀ ରୂପେ ସ୍ୱୀକାର କରି ଆପଣଙ୍କର ବୈଅତ୍ କରିଛେ ତେବେ ବିଶ୍ୱାସର ସ୍ତରକୁ ବୃଦ୍ଧି କରିବା ସକାଶେ ଆମମାନଙ୍କୁ ବିଶେଷ ରୂପେ ଉଦ୍ୟମ କରିବା ଉଚିତ୍ ।

ଯେତେବେଳେ ଆମେମାନେ ଏପରି ହୋଇଯିବୁ ସେତବେଳେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୂକ୍ତ ହୋଇଯିବୁ ଯେଉଁମାନଙ୍କର ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ବିଶେଷ ସଂପର୍କ ରହିଛି, ଯେଉଁମାନେ ବୈଅତ୍‌ର ପ୍ରକୃତ ଅଭିପ୍ରାୟ ତଥା ମର୍ମକୁ ବୁଝିଛନ୍ତି ଓ ଏହାକୁ ସମ୍ପାଦନ କରିବା ନିମନ୍ତେ ଉଦ୍ୟମ କରିଛନ୍ତି । ଅତଏବ୍ ଏହି ଲୋକମାନଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ କହିଛନ୍ତି ଯେ, "ମୁଁ ତୁମ୍ଭ ସହିତ ଓ ତୁମ୍ଭର ସମସ୍ତ ପ୍ରିୟଜନଙ୍କ ସହିତ ଅଛି ।"

**(ତଜ୍‌କିରାହ୍, ପୃ-630, ଚତୁର୍ଥ ସଂସ୍କରଣ)**

କୌଣସି ବ୍ୟକ୍ତିର ପ୍ରିୟପାତ୍ର ହେବାକୁ ହେଲେ ମୌଳିକ ସର୍ତ୍ତ ଏହିକି ଯେ, ତା'ର ଆଦେଶକୁ ପାଳନ କରାଯାଉ ଓ ତା'ର ଇଚ୍ଛାନୁଯାୟୀ ନିଜର ଜୀବନକୁ ଅତିବାହିତ କରାଯାଉ । ସୁତରାଂ ଏଠାରେ ଅଲ୍ଲାଃତାଲା ସ୍ୱୟଂ ମଧ୍ୟ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରିୟଜନମାନଙ୍କ ସହିତ ହେବାର ଘୋଷଣା କରି ଦେଇଛନ୍ତି । ସୁତରାଂ ଅଲ୍ଲାଃତାଲା ଯେତେବେଳେ କୌଣସି ବ୍ୟକ୍ତି ସହିତ ହୋଇଯିବେ ସେତେବେଳେ ଅନ୍ୟ କୌଣସି ବସ୍ତୁର କିମ୍ବା ବ୍ୟକ୍ତି ବିଶେଷର ସାହାଯ୍ୟର କ'ଣ ଆବଶ୍ୟକତା ରହିଯିବ ? ଆମମାନଙ୍କ ମଧ୍ୟରୁ ସେହିମାନେ ସୌଭାଗ୍ୟଶାଳୀ ଅଟନ୍ତି ଯେଉଁମାନେ ନିଜ ବିସ୍ୱାସର ସେହି ସ୍ତରକୁ ପ୍ରାପ୍ତ କରି ନେଇଛନ୍ତି ଯେଉଁଠି ସର୍ବଦା ପାଇଁ ସେମାନଙ୍କୁ ଅଲ୍ଲାଃତାଲାଙ୍କର ସାହଚର୍ଯ୍ୟତ୍ୱ ପ୍ରାପ୍ତ ହୋଇଯାଇଛି ଓ ଯେଉଁ ବ୍ୟକ୍ତିକୁ ଅଲ୍ଲାଃତାଲାଙ୍କର ସାହଚର୍ଯ୍ୟତ୍ୱ ଏବଂ ସମର୍ଥନ ପ୍ରାପ୍ତ ହୋଇଗଲା ସେହି ବ୍ୟକ୍ତିର ଇହକାଳ ଓ ପରକାଳ ମଧ୍ୟ ସୁଧୁରିଗଲା (ଶୃଙ୍ଖଳିତ ହୋଇଗଲା) ।

ସୁତରାଂ ଆମମାନଙ୍କୁ ନିଜ ମଧ୍ୟରେ ଧର୍ମପରାୟଣତା ସୃଷ୍ଟି କରି ହ. ମସିହ୍ ମଉଦ୍ ଅ.ସଙ୍କର ଅଭିପ୍ରାୟକୁ ଚରିତାର୍ଥ କରିବାକୁ ହେବ । ଏହା ସେହି ସ୍ଥଳେ ସମ୍ଭବପର ଯେତେବେଳେ ଆମେମାନେ ନିୟମିତ ମନୋଭାବ ଦ୍ୱାରା ଅଲ୍ଲାଃତାଲଙ୍କ ପ୍ରସନ୍ନତା ତଥା ତାହାଙ୍କର ଅନୁଗ୍ରହତାକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିବୁ। ଆପଣ ଅ.ସ ଉପରୋକ୍ତ ଆଲେଖ୍ୟରେ ଏହା ମଧ୍ୟ କହିଛନ୍ତି ଯେ, ଆକାଶ ଭୂମିର ନିକଟବର୍ତ୍ତୀ ହେବ । ଆକାଶ ଭୂମି ସହିତ ନିକଟବର୍ତ୍ତୀ ସେତେବେଳେ ହେବ ଯେତେବେଳେ ଆମେମାନେ ଉକ୍ତ ପନ୍ଥା ଉପରେ ପରିଚାଳିତ ହେବୁ ଯାହାକୁ ଖୋଲି କରି ଆପଣ ଅ.ସ ଆମ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଆମେମାନେ ସେହି ସୌଭାଗ୍ୟଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ ଯେଉଁମାନଙ୍କ ଉପରେ ଅଲ୍ଲାଃତାଲାଙ୍କର ବିଶେଷ କୃପା ବୃଷ୍ଟି ହୋଇଥାଏ ଓ ଯେଉଁମାନଙ୍କର ପ୍ରାର୍ଥନାକୁ ପ୍ରଭୁ ସ୍ୱୀକାର କରିଥାଆନ୍ତି ।

ଆମେମାନେ ଯେତେବେଳେ ଏହି ଦୃଶ୍ୟକୁ ନିଜ ଜୀବନରେ ଅବଲୋକନ କରିବୁ ସେତେବେଳେ ଅନ୍ୟମାନଙ୍କୁ ମଧ୍ୟ ବିଶ୍ୱାସର ସହିତ ଏହି ନିମନ୍ତ୍ରଣ ଦେଇପାରିବୁ ଯେ, ଆସ ! ପ୍ରଭୁଙ୍କ ସହିତ ଯଦି ଜୀବନ୍ତ ସଂପର୍କ ସ୍ଥାପନ କରିବାକୁ ଚାହୁଁଛ, ନିଜର ବିଶ୍ୱାସକୁ ଦୃଢୀଭୂତ କରିବାକୁ ଚାହୁଁଛ ତାହାହେଲେ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସଙ୍କୁ ସ୍ୱୀକାର କର । ଏହା କେବଳ ଧର୍ମପରାୟଣତାର

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ସ୍ତରକୁ ପ୍ରାପ୍ତ କରିବା ଦ୍ୱାରା ହେବ ଓ ଏହା ସେତେବେଳେ ହେବ ଯେତେବେଳେ ଏହି ସ୍ତରକୁ ପ୍ରାପ୍ତ କରି ସାରିବା ପରେ ଆମେମାନେ ଏହା ଉପରେ ସର୍ବଦା ପ୍ରତିଷ୍ଠିତ ହେବୁ । ପୁନଶ୍ଚ ଅଲ୍ଲାଃତାଲାଙ୍କ କୃପାର ଦୃଶ୍ୟକୁ ମଧ୍ୟ ଅବଲୋକନ କରିବୁ । ସୁତରାଂ ଆମମାନଙ୍କ ମଧ୍ୟରୁ ଏପରି ଲୋକମାନେ ଅଛନ୍ତି ଯେଉଁମାନେ ଉକ୍ତ ନୀତିକୁ ବୁଝି ଯାଇଛନ୍ତି ଓ ଜୀବନକୁ ପୁଣ୍ୟ ତଥା ଧର୍ମପରାୟଣତାର ସ୍ତର ପର୍ଯ୍ୟନ୍ତ ପହଞ୍ଚାଇଦେବା ପର୍ଯ୍ୟନ୍ତ ଅଗ୍ରସର କରାଇ ନେବେ କିମ୍ବା କରିବା ନିମନ୍ତେ ଉଦ୍ୟମ କରୁଛନ୍ତି ସେମାନେ ଅଲ୍ଲାଃତାଲାଙ୍କ କୃପାର ଦୃଶ୍ୟକୁ ସର୍ବଦା ଅବଲୋକନ କରୁଥିବେ । ଯଦି ନିଜର ଜୀବନକୁ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ଧର୍ମପରାୟଣତାର ମାର୍ଗରେ ଅଗ୍ରସର କରାଇବେ ତାହାହେଲେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଉକ୍ତ ଦୃଶ୍ୟକୁ ଅବଶ୍ୟ ଅବଲୋକନ କରିପାରିବେ ।

ପ୍ରକୃତ ଧର୍ମପରାୟଣତା କ'ଣ, ଏହା ଉପରେ କିପରି ପରିଚାଳିତ ହେବା ଉଚିତ୍ ଓ ସେହି ବ୍ୟକ୍ତି ସହିତ ଅଲ୍ଲାଃତାଲା କିପରି ଆଚରଣ ପ୍ରଦର୍ଶନ କରନ୍ତି? ତତ୍‌ସମ୍ବନ୍ଧରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ''ପ୍ରକୃତ ଧର୍ମପରାୟଣତା କ'ଣ ଓ ଏହା ଉପରେ ପରିଚାଳିତ ହେଉଥିବା ବ୍ୟକ୍ତି କେଉଁଭଳି ହୋଇଥାଏ ଏବଂ ଅଲ୍ଲାଃତାଲା ତାହା ସହିତ କିପରି ଆଚରଣ ପ୍ରଦର୍ଶନ କରିଥାଆନ୍ତି ? ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, "ପ୍ରକୃତ ଧର୍ମପରାୟଣତା ସହିତ ମୂର୍ଖତା ଏକତ୍ରିତ ହୋଇପାରିବ ନାହିଁ । ପ୍ରକୃତ ଧର୍ମପରାୟଣତା ନିଜ ସହିତ ଏକ ଆଲୋକ ରଖିଥାଏ । ଯେପରିକି ଅଲ୍ଲାଃତାଲା କୁହନ୍ତି, ହେ ବିଶ୍ୱାସକାରୀମାନେ! ତୁମେମାନେ ଧର୍ମପରାୟଣତା ଉପରେ ଯଦି ଅବିଚଳ ରୁହ ଓ ଅଲ୍ଲାଃତାଲାଙ୍କ ସକାଶେ ଧର୍ମପରାୟଣତାର ଗୁଣାବଳୀ ତଥା ଦୃଢତା ଅବଲମ୍ବନ କର ତେବେ ପ୍ରଭୁ ତୁମ୍ଭମାନଙ୍କ ମଧ୍ୟରେ ଓ ଅନ୍ୟମାନଙ୍କ ମଧ୍ୟରେ ଏକ ପାର୍ଥକ୍ୟ ସୃଷ୍ଟି କରିଦେବେ । ସେହି ପାର୍ଥକ୍ୟଟି ଏହିପରି ଯେ, ତୁମ୍ଭକୁ ଏକ ଆଲୋକ ପ୍ରଦାନ କରାଯିବ, ସେହି ଆଲୋକ ତୁମ୍ଭର ଆଚରଣ ଓ ଉଚ୍ଚାରଣ ତଥା ଶକ୍ତି ଏବଂ ଚେତନା ଅବସ୍ଥାରେ ଉଦ୍ଭୁତ ହୋଇଯିବ, ତୁମ ବୁଦ୍ଧିରେ ମଧ୍ୟ ଅଲୋକ ଥିବ ଓ ତୁମର ଆକଳନମୂଳକ ପ୍ରସଙ୍ଗରେ ମଧ୍ୟ ଆଲୋକ ରହିଥିବ, ତୁମର ଚକ୍ଷୁରେ ମଧ୍ୟ ଆଲୋକ ଥିବ, ତୁମର କର୍ଣ୍ଣରେ ତଥା ତୁମର ତୁଣ୍ଡରେ ମଧ୍ୟ ଆଲୋକ ଥିବ ଅର୍ଥାତ ଆଲୋକ ଉଦ୍ଭାସିତ ହେଉଥିବ, ତୁମର ବର୍ଣ୍ଣନା ଶୈଳୀରେ, ତୁମର ଚଳ ପ୍ରଚଳତାର ତଥା ସ୍ଥିରତାରେ ମଧ୍ୟ ଅଲୋକ ଉଦ୍ଭାସିତ ହେଉଥିବ । ଅତଏବ ଏହା ହେଉଛି ସେହି ସ୍ତର ଯେଉଁ ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ଆମେମାନେ ଉଦ୍ୟମ କରିଥାଉ । ଆମମାନଙ୍କ ମଧ୍ୟରୁ ସେହି ବ୍ୟକ୍ତିମାନେ ସୌଭାଗ୍ୟଶାଳୀ ଅଟନ୍ତି ଯେଉଁମାନେ ଉକ୍ତ ମର୍ଯ୍ୟାଦା ଓ ସ୍ତରକୁ ପ୍ରାପ୍ତ କରିବେ ।"

ହ. ମସିହ୍ ମଉଦ୍ ଅ.ସ ପୁନଃ କୁହନ୍ତି: يَآ اَيُّهَا الَّذِيْنَ اٰمَنُوْٓا اِنْ تَتَّقُوا اللّٰهَ يَجْعَلْ لَّكُمْ فُرْقَانًا وَّيُكَفِّرْ عَنْكُمْ سَيِّاٰتِكُمْ (ଅଲ୍ ଅନଫାଲ୍: 30)''ଅର୍ଥାତ ହେ ବିଶ୍ୱାସକାରୀମାନେ ! ଯଦି ତୁମେମାନେ ଅଲ୍ଲାଃତାଲାଙ୍କୁ ଭୟ କରିବ, ତା' ହେଲେ ଅଲ୍ଲାଃତାଲା ତୁମମାନଙ୍କ ସକାଶେ ଏକ ମସ୍ତବଡ଼ ପାର୍ଥକ୍ୟସୂଚକ ବସ୍ତୁ ସୃଷ୍ଟି କରିବେ ଏବଂ ତୁମମାନଙ୍କର ଦୁର୍ବଳତାକୁ ଦୂର କରି ତୁମମାନଙ୍କୁ କ୍ଷମା ପ୍ରଦାନ କରିବେ । ବାସ୍ତବରେ ସେ ମହାନ୍ ଓ ଅନୁଗ୍ରହକାରୀ ଅଟନ୍ତି । وَيَجْعَلْ لَّكُمْ نُوْرًا تَمْشُوْنَ بِهٖ (ଅଲ୍ ହଦିଦ୍:29) ଏବଂ ସେ ତୁମମାନଙ୍କ ସକାଶେ ଏକ ଜ୍ୟୋତି ନିୟୋଜିତ କରିବେ ।''

ହ. ମସିହ୍ ମଉଦ୍ ଅ.ସ ଉପରୋକ୍ତ ଆୟତର ବ୍ୟାଖ୍ୟା କରି କୁହନ୍ତି: ''ଅଲ୍ଲାଃତାଲାଙ୍କ ସକାଶେ ଧର୍ମପରାୟଣତାର ବୈଶିଷ୍ଟ୍ୟତାରେ ଅବିଚଳତା ଏବଂ ଦୃଢ଼ତା ଅବଲମ୍ବନ କର ତେବେ ପ୍ରଭୁ ତୁମ ମଧ୍ୟରେ ଅଣ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଏକ ପାର୍ଥକ୍ୟ ସୃଷ୍ଟି କରିଦେବ । ସେହି ତାରତମ୍ୟତା ଏହିକିଯେ, ତୁମମାନଙ୍କୁ ଏକ ଜ୍ୟୋତି ପ୍ରଦାନ କରାଯିବ ଯେଉଁ ଜ୍ୟୋତି ସାହାଯ୍ୟରେ ତୁମେମାନେ ସମସ୍ତ ମାର୍ଗରେ ଆଗେଇ ଚାଲିବ । ଅର୍ଥାତ୍ ସେହି ଆଲୋକ ତୁମମାନଙ୍କର ସମସ୍ତ କର୍ମ ଏବଂ ସମସ୍ତ କଥ ତଥା ଧର୍ମପରାୟଣତା ଓ ଚୈତନ୍ୟ ଅବସ୍ଥାକୁ ଚାଲି ଆସିବ । ଅର୍ଥାତ ତୁମମାନଙ୍କର ବୁଦ୍ଧିରେ ମଧ୍ୟ ସେହି ଜ୍ୟୋତି ହେବ ଓ ତୁମର ଆକଳନମୂଳକ କଥାରେ ମଧ୍ୟ ଜ୍ୟୋତି ହେବ, ତୁମର ଚକ୍ଷୁରେ ମଧ୍ୟ ଜ୍ୟୋତି ରହିବ ଓ ତୁମର କର୍ଣ୍ଣରେ, ତୁମର ତୁଣ୍ଡରେ ଓ ତୁମର ବର୍ଣ୍ଣନା ବିବୃତ୍ତିରେ, ତୁମର ପ୍ରତ୍ୟେକ ଗତିବିଧି ଓ ନିଶ୍ଚଳତାରେ ମଧ୍ୟ ଜ୍ୟୋତି ରହିବ। ତୁମେମାନେ ଯେଉଁ ମାର୍ଗ ଦେଇ ଅତିକ୍ରମ କରିବ ତାହା ମଧ୍ୟ ଜ୍ୟୋତିର୍ମୟ ହୋଇଯିବ । ସୁତରାଂ ତୁମମାନଙ୍କର ଯେତିକି ମାର୍ଗ, ତୁମମାନଙ୍କର ଯେତିକି ଶକ୍ତି ତଥା ସାମର୍ଥ୍ୟତା ରହିଛି, ତୁମମାନଙ୍କର ଯେତିକି ଚୈତନ୍ୟାବସ୍ଥାମୂଳକ ମାର୍ଗଗୁଡ଼ିକ ରହିଛି ସେହି ସମସ୍ତ ମାର୍ଗ ଜ୍ୟୋତି ଦ୍ୱାରା ଆଲୋକିତ ଓ ପରିପୂର୍ଣ୍ଣ ହୋଇଯିବ ଏବଂ ତୁମେମାନେ ଆପାଦ ମସ୍ତକ ଜ୍ୟୋତି ମଧ୍ୟ ଦେଇ ଅଗ୍ରସର ହେବ ।''

**(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍, ଭାଗ-5, ପୃ177-178)**

ସୁତରାଂ ଏହି ହେଉଛି ସେହି ମର୍ଯ୍ୟାଦା ଯାହାକି ଜଣେ ବିଶ୍ୱାସକାରୀକୁ, ଜଣେ ଧର୍ମପରାୟଣ ବ୍ୟକ୍ତିକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍। ରମ୍‌ଜାନ୍ ମାସ ଅତିକ୍ରାନ୍ତ ମଧ୍ୟ ହୋଇଗଲା ତଥାପି ମଧ୍ୟ ଆମେମାନେ ସେହି ସ୍ଥାନକୁ ପ୍ରାପ୍ତ କରିବାକୁ ଉଦ୍ୟମ କରୁଥିବୁ । ଆମମାନଙ୍କ ମଧ୍ୟରୁ ସେହିମାନେ ହିଁ ସୌଭାଗ୍ୟଶାଳୀ ହେବେ ଯେଉଁମାନେ ଉକ୍ତ ସ୍ଥାନକୁ ପ୍ରାପ୍ତ କରିନେବେ। ଅର୍ଥାତ୍ ଅଲ୍ଲାଃତାଲାଙ୍କର ଅଧିକାର ଆମମାନଙ୍କର ପ୍ରତ୍ୟେକ ଆଚରଣ ଓ ଉଚ୍ଚାରଣ ଉପରେ ମଧ୍ୟ ପ୍ରତିଫଳିତ ହେଉ, ଆମମାନଙ୍କର ପ୍ରତ୍ୟେକ କର୍ମ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ତଥା ତାହାଙ୍କର ଅନୁଗ୍ରହତା ପ୍ରାପ୍ତି ନିମନ୍ତେ ହେବା ଉଚିତ୍ ତେବେ ଆମର ଚାଲିବା, ବୁଲିବା, ପଢ଼ିବା, ଉଠିବା ଇତ୍ୟାଦି ପ୍ରତ୍ୟେକ କର୍ମ ଅଲ୍ଲାଃତାଲାଙ୍କର ଅନୁଗ୍ରହତା ତଥା ତାହାଙ୍କ ପ୍ରସନ୍ନତା ପ୍ରାପ୍ତି କରିବା ନିମନ୍ତେ ହେବା ଉଚିତ୍ । ଯେତେବେଳେ ଏପରି ହେବ ସେତେବେଳେ ଯାଇ ଆମେମାନେ ଅଲ୍ଲାଃତାଲାଙ୍କର ଜ୍ୟୋତିରୁ ଅଂଶ ପ୍ରାପ୍ତ କରିପାରିବୁ । ସଂସାରର ଚାକଚକ୍ୟତା ପରିବର୍ତ୍ତେ ଆମମାନଙ୍କର ଅଭିପ୍ରାୟ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ଓ ତାହାଙ୍କ ସାନ୍ନିଧ୍ୟ ପ୍ରାପ୍ତି ହେବ । ତେବେଯାଇ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଅବତୀର୍ଣ୍ଣ ହେବାର ଅଭିପ୍ରାୟକୁ ଚରିତାର୍ଥକାରୀ ବ୍ୟକ୍ତି ରୂପେ ପରିଗଣିତ ହେବୁ। ଆମେମାନେ ଏକ ଉଦ୍ୟମ ସହିତ ନିଜର ଶପଥକୁ ପୂର୍ଣ୍ଣକାରୀ ବ୍ୟକ୍ତି ରୂପେ ବିବେଚିତ ହେବୁ । ଆମେମାନେ ଯଦି ଏହି ପବିତ୍ର ପରିବର୍ତ୍ତନକୁ ନିଜ ଜୀବନର ଅଂଶ ରୂପେ ବରଣ କରିବା ନିମନ୍ତେ ଇଚ୍ଛା ପ୍ରକାଶ କରୁ ନାହୁଁ ଓ ଏଥିପାଇଁ ଉଦ୍ୟମ କରୁ ନାହୁଁ ତେବେ ଆମର ସମସ୍ତ ଦାବି ମିଥ୍ୟା ଅଟେ । ଆମମାନେ ରମ୍‌ଜାନ୍ ମାସରେ ସାମିୟିକ ରୂପେ କରିଥିବା ପୂଣ୍ୟାବଳୀ ମଧ୍ୟ କୌଣସି ଲାଭ ପ୍ରଦାନ କରିବ ନାହିଁ । ସୁତରାଂ ଆମାନଙ୍କୁ ସର୍ବଦା ଉକ୍ତ ଚିନ୍ତାଧାରା ରଖି ନିଜ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍। କ'ଣ ଆମେମାନେ ସେହି ଧର୍ମପରାୟଣତାର ପ୍ରାପ୍ତି ନିମନ୍ତେ ଉଦ୍ୟମ କରୁଛେ ଯାହା ସଂପର୍କରେ ପବିତ୍ରେ କୁରଆନ୍ କରୀମ୍‌ର ପ୍ରକାଶରେ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରିଛନ୍ତି । ଆମେମାନେ ଯଦି ନିଜର ଜୀବନକୁ ଏହିପରି ଭାବରେ ଶୃଙ୍ଖଳିତ ରୂପେ ଅତିବାହିତ କରିବା ପାଇଁ ଉଦ୍ୟମ କରୁଥିବୁ ତେବେ ନିଃସନ୍ଦେହ ଆମେମାନେ ସୈତାନ୍ ସହିତ ମୁକାବିଲା କରିବା ନିମନ୍ତେ ମଧ୍ୟ ପ୍ରସ୍ତୁତ ଅଛୁ ଓ ସୈତାନ୍ ସହିତ ମୁକାବିଲା କରିବା ନିମନ୍ତେ ଅଲ୍ଲାଃତାଲା ଆମମାମାନଙ୍କୁ ସାହାଯ୍ୟ ମଧ୍ୟ କରିବେ ଓ ସୈତାନର ପ୍ରତ୍ୟେକ ଆକ୍ରମଣକୁ ପଣ୍ଡ ଏବଂ ପ୍ରତିହତ କରିଦେବେ । ସୈତାନ୍ ତ' ପ୍ରତ୍ୟେକ ଯୁଗରେ ଆମମାନଙ୍କୁ ଆବେଷ୍ଟିତ କରି ରଖିଛି (ଅର୍ଥାତ ଜଗି ରହିଛି) ଓ ଅଲ୍ଲାଃତାଲାଙ୍କ ସାହାଯ୍ୟ ବ୍ୟତୀରେକ ଏହି ଅରଣ୍ୟରୁ ବାହାରକୁ ବାହାରିବା ସମ୍ଭବପର ନୁହଁ । ସୁତରାଂ ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସମର୍ଥନ ଧର୍ମପରାୟଣତାର ମାର୍ଗରେ ଅଗ୍ରସର ହେଉଥିବା ବ୍ୟକ୍ତିମାନଙ୍କ ସହିତ ହୋଇଥାଏ ।

ଆମମାନଙ୍କୁ ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ, ଏହି ଯୁଗଟି ବିଶେଷ ରୂପେ ସୈତନୀୟ ଆକ୍ରମଣର ଯୁଗ ଅଟେ । ସୈତାନ୍ ନିଜର ସମସ୍ତ ଆଳ ଓ ଯୋଜନା ତଥା ଅସ୍ତ୍ରଶସ୍ତ୍ର ଦ୍ୱାରା ଆକ୍ରଣ କରୁଛି । ଏହା ଏଭଳି ଭୟଙ୍କର ଆକ୍ରମଣ ଯେ, ଏହାର ଦୃଷ୍ଟାନ୍ତ ପୂର୍ବେ କେବେ ଦେଖିବାକୁ ମିଳୁ ନାହିଁ । ସୁତରାଂ ଏହିଭଳି ପରିସ୍ଥିତିରେ ଅଲ୍ଲାଃତାଲାଙ୍କ ଆଡ଼କୁ ବିଶେଷ ରୂପେ ଆନତ ହେବା ନିମନ୍ତେ ଆବଶ୍ୟକତା ରହିଛି । ଟି.ଭି ହେଉ ଅବା ସାମାଜିକ ଗଣମାଧ୍ୟମ ହେଉ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅବା ପିଲାମାନଙ୍କର ସ୍କୁଲ ହେଉ କିମ୍ବା ସେମାନଙ୍କର ସ୍କୁଲେରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ହେଉ ପ୍ରତ୍ୟେକ ସ୍ଥାନରେ ସୈତାନ ଦଜ୍ଜାଲ୍ (ପ୍ରବଞ୍ଚକ) ମାଧ୍ୟମରେ ଏଭଳି ଏକ ଭୟାବହ ପରିସ୍ଥିତି ସୃଷ୍ଟି କରି

**ଅଲ୍ଲାଃତାଲାଙ୍କ ବାଣୀ**

''ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।''

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

''ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।''

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଦେଇଛି ଯଦ୍ଵାରାକି ଅଲ୍ଲାଃତାଲାଙ୍କ ସାହାଯ୍ୟ ବିନା ତହିଁରୁ ନିସ୍ତାର ଓ ବାହାରକୁ ବାହାରିବା ସମ୍ଭବପର ନୁହେଁ ।

ବର୍ତ୍ତମାନ ସବୁଠୁ ବେଶୀ ଚିନ୍ତା ତ' ସନ୍ତାନ ଓ ଆଗାମୀ ପିଢୀଙ୍କୁ ଦଜ୍ଜାଲ ଏବଂ ସୈତାନର ଆକ୍ରମଣରୁ ରକ୍ଷା କରିବାର ଅଧିକ ଆବଶ୍ୟକତା ରହିଛି । ଏଥିପାଇଁ ପ୍ରତ୍ୟେକ ଅହେମଦି ଅଭିଭାବକମାନଙ୍କୁ ଉଦ୍ୟମ ମଧ କରିବା ଉଚିତ୍ ଓ ଜମାଅତ୍‌ର ବ୍ୟବସ୍ଥାକୁ ମଧ ପ୍ରଚେଷ୍ଟା କରିବା ଉଚିତ୍ । ତେଣୁ ପ୍ରତ୍ୟେକ ବୁଦ୍ଧିମାନ ଓ ସାବାଳକ ଅହେମଦିଙ୍କୁ ଅଲ୍ଲାଃତାଲାଙ୍କ ସମକ୍ଷରେ ଆନତ ହୋଇ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରି ଧର୍ମପରାୟଣତାର ସର୍ବୋଚ୍ଚ ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ସେହିପରି ଦଜ୍ଜାଲ୍‌ର ମୁକାବିଲା କରିବା ନିମନ୍ତେ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ପ୍ରାପ୍ତ କରିପାରିବୁ । ରମ୍‌ଜାନ ମାସ ପରେ ମଧ ଆମମାନଙ୍କୁ Relax (ବିଶ୍ରାମ)ରେ ବସିବା ଅନୁଚିତ୍ ଓ ବିଶ୍ରାମ ନେବା ଅନୁଚିତ୍ । ବରଂ ନିଜର ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନ, ଧର୍ମର ଜ୍ଞାନକୁ ବୃଦ୍ଧି କରିବା ନିମନ୍ତେ ବିଶେଷ ରୂପେ ଉଦ୍ୟମ କରିବା ଉଚିତ୍ । କାରଣ ଏକ ବିଶେଷ ପରିବେଶ ଆମର ଘରମାନଙ୍କରେ ସର୍ବଦା ଅବ୍ୟାହତ ରହୁ । ନିଜର ଉପାସନାର ସୁରକ୍ଷା କରିବା ଉଚିତ୍ । ସୈତାନ୍ ଓ ଦଜ୍ଜାଲ୍‌ର ଆକ୍ରମଣରୁ ବର୍ତ୍ତିବା ନିମନ୍ତେ ବିଶେଷ ରୂପେ ଦୁଆ କରିବା ପ୍ରତି ଧ୍ୟାନ ଦେବା ଉଚିତ୍ ।

ସୈତାନର ଆଳ, ମାୟାଜାଲ ସଂକ୍ରାନ୍ତରେ ବର୍ଣ୍ଣନା କରି ଏକ ଅବସରରେ ଆପଣ ଅ.ସ କୁହନ୍ତି: "ସ୍ମରଣ ରଖିବା ଉଚିତ୍ ଯେ, ଦଜ୍ଜାଲ୍ ପ୍ରକୃତରେ ସୈତାନର ପରିପ୍ରକାଶକକୁ ବୁଝାଏ । ଏହାର ଅର୍ଥ ଏହକି ଯେ, ସତ୍‌ମାର୍ଗରୁ ବିଚ୍ୟୁତକାରୀ। କିନ୍ତୁ ଶେଷ ଯୁଗ ସଂକ୍ରାନ୍ତରେ ପୂର୍ବ ପୁସ୍ତକମାନଙ୍କରେ ଉଲ୍ଲେଖ ରହିଛି ଯେ, ସେତେବେଳେ ସୈତାନ୍ ସହିତ ଅନେକ ଯୁଦ୍ଧ ହେବ । କିନ୍ତୁ ପରିଶେଷରେ ସୈତାନ ପରାଜିତ ହେବ । ଅଲ୍ଲାଃତାଲା ଏହି ଆଶା ମଧ ଦେଇଛନ୍ତି ଯେ, ଧର୍ମପରାୟଣତା ମାର୍ଗ ଉପରେ ଯଦି ଅଗ୍ରସର ହେବୁ ତାହାହେଲେ ସୈତାନ୍ ଅବଶ୍ୟ ପରାଜିତ ହେବ । ପ୍ରତ୍ୟେକ ନବୀ (ଅବତାର)ଙ୍କ ସମୟରେ ସୈତାନ୍ ପରାସ୍ତ ହୋଇ ଆସିଛି । କିନ୍ତୁ ତାହା କେବଳ ନକଲି ରୂପେ ଥିଲା । ପ୍ରକୃତ ରୂପେ ସୈତାନ୍ ଉପରେ ବିଜୟ ପ୍ରାପ୍ତ କରିବା କେବଳ ହ. ମସିହ୍ ମଉଦ୍ ଅ.ସଙ୍କ ହସ୍ତ ଦ୍ୱାରା ନିୟତିକୃତ ଥିଲା । ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ଏହି ପ୍ରତିଶୃତି ଦେଇଛନ୍ତି ଯେ, وَجَاعِلُ الَّذِيْنَ اتَّبَعُوْكَ فَوْقَ الَّذِيْنَ كَفَرُوْٓا اِلٰى يَوْمِ الْقِيَامَةِ **(ଆଲେ ଇମ୍ରାନ୍: 5)** ଏବଂ ତୁମ୍ଭର ଅନୁଗାମୀମାନଙ୍କୁ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବିଶ୍ୱାସକାରୀମାନଙ୍କ ଉପରେ ପ୍ରାଧାନ୍ୟ ଦେବୁ ।"

ଅତଏବ ପ୍ରକୃତ ଆଜ୍ଞାବହତା ହେବା ନିମନ୍ତେ ଆପଣ ଅ.ସଙ୍କ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଧର୍ମପରାୟଣତା ମାର୍ଗ ଅବଲମ୍ବନ କରିବାକୁ ହେବ । ଅତଃ ସୈତାନ୍ ଏହି ଶେଷ ଯୁଗରେ ପୂର୍ଣ୍ଣ ବଳ ମାଧ୍ୟମରେ ଯୁଦ୍ଧ ତଥା ଆକ୍ରମଣ କରୁଛି । କିନ୍ତୁ ଶେଷ ବିଜୟ ଆମର୍ ହିଁ ହେବ । **ଇନ୍‌ଶାଅଲ୍ଲାଃ ।**

**(ମଲଫୁଜାତ୍, ଭାଗ-10, ପୃ-60, ପ୍ରକାଶନ ବର୍ଷ-1984 ମସିହା)**

ସୁତରାଂ ସୈତାନ୍ ଓ ଦଜ୍ଜାଲ୍‌ର ଆକ୍ରମଣରୁ ବର୍ତ୍ତିବା ଏବଂ ବିଜୟ ଦେବାର ପ୍ରତିଶୃତି ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସ ମଧ ଦେଇଛନ୍ତି । ଆପଣ ଅ.ସଙ୍କୁ ମଧ ଦୁଇ ତିନି ଥର ଐଶୀବାଣୀ ହେଲା । କିନ୍ତୁ ତହିଁରୁ ପ୍ରକୃତ ରୂପେ ସେହିମାନେ ହିଁ ଲାଭାନ୍ୱିତ ହେବେ ଯେଉଁମାନେ ଆପଣ ଅ.ସଙ୍କର ପ୍ରକୃତ ଆଜ୍ଞାପାଳନକାରୀ ଅଟନ୍ତି ଓ ଆପଣ ଅ.ସଙ୍କର ଶିକ୍ଷା ଉପରେ କାର୍ଯ୍ୟାନୁସରଣକାରୀ ହେବେ । ତତ୍‌ସମ୍ବନ୍ଧରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଏକଥା ସତ୍ୟ ଯେ, ପ୍ରଭୁ ମୋ ଅନୁଗାମୀମାନଙ୍କୁ ପ୍ରଳୟଦିବସ ପର୍ଯ୍ୟନ୍ତ ମୋର ଅବଜ୍ଞାକାରୀମାନଙ୍କ, ବିରୋଧୀମାନଙ୍କ ଉପରେ ବିଜୟ ପ୍ରଦାନ କରିବେ । କିନ୍ତୁ ବିଚାରଯୋଗ୍ୟ କଥା ଏହିକି ଯେ, ମୋର ଅନୁଗାମୀ କହିଲେ, ପ୍ରତ୍ୟେକ ସେହି ବ୍ୟକ୍ତି ଯେକେହି କେବଳ ମୋର ହସ୍ତରେ ବୈଅତ୍ କରିଦେଲେ ମୋ ସଂପ୍ରଦାୟଭୁକ୍ତ ହୋଇଯିବେ ତାହା ନୁହେଁ । ବରଂ ଯେପର୍ଯ୍ୟନ୍ତ ସେ (ଅନୁଗାମୀ) ନିଜ ଭିତରେ ଅନୁକରଣତ୍ୱର ପୂର୍ଣ୍ଣତା ସୃଷ୍ଟି କରି ନାହିଁ ସେ ପର୍ଯ୍ୟନ୍ତ ସେ ମୋ ସଂପ୍ରାଦୟଭୁକ୍ତ ହୋଇପାରିବ ନାହିଁ । ଅର୍ଥାତ୍ ଯେପର୍ଯ୍ୟନ୍ତ ପୂର୍ଣ୍ଣରୂପେ ମୋତେ ଅନୁକରଣ କରିନେଇ ନାହାନ୍ତି ଓ ମୋର ଆଜ୍ଞାବହତା ସ୍ୱୀକାର କରିନେଇ ନାହାନ୍ତି ଅର୍ଥାତ ଅନୁକରଣ କରି ପୂର୍ଣ୍ଣ ରୂପେ ଆଜ୍ଞାବହତା ପ୍ରଦର୍ଶନ କରି ନିଜକୁ ଶେଷ କରିଦେଉ ଏବଂ ମୋର ପଦାଙ୍କ ଅନୁସରଣ କରୁ ସେତେବେଳ ପର୍ଯ୍ୟନ୍ତ ଆଜ୍ଞାକାରୀତାର ଶବ୍ଦ ପୂର୍ଣ୍ଣ ରୂପେ ଚରିତାର୍ଥ ହେବ ନାହିଁ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ତହିଁରୁ ଏହା ଜ୍ଞାତ ହୁଏ ଯେ, ଅଲ୍ଲାଃତାଲା ଏପରି ଜମାଅତ୍ ମୋ ନିମନ୍ତେ ନିୟତିକୃତ କରି ରଖିଛନ୍ତି ଯିଏ ମୋର ଆଜ୍ଞାବହତ୍ୱରେ ନିଜକୁ ସମାପ୍ତ କରି ପୂର୍ଣ୍ଣ ରୂପେ ମୋର ଆଜ୍ଞାପାଳନ କରୁଥିବ ।" **(ମଲଫୁଜାତ୍, ଭାଗ-8, ପୃ-299, ପ୍ରକାଶନ ବର୍ଷ-1984 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଏପରି ଜମାଅତ୍ ତ' ଦେବେ ସେ ଆମେ ହେଉ ଅବା ଅନ୍ୟମାନେ ହୁଅନ୍ତୁ । ଆଜି ହୁଅନ୍ତୁ କିମ୍ବା କାଲି ହୁଅନ୍ତୁ, ପୂର୍ବ ପୁରୁଷ ହୁଅନ୍ତୁ କିମ୍ବା ଆମମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଅବା ଅନେକ ବ୍ୟକ୍ତି ହୁଅନ୍ତୁ । ଏହି ଜମାଅତ୍ ତ' ଆପଣ ଅ.ସଙ୍କୁ ଅବଶ୍ୟ ପ୍ରାପ୍ତ ହେବ । ଅଲ୍ଲାଃତାଲାଙ୍କର ଏହି ପ୍ରତିଶୃତି ରହିଛି । ସୁତରାଂ ଉକ୍ତ ଶବ୍ଦାବଳୀ ଆମମାନଙ୍କୁ ଦୋହୋଲାଇ ଦେବ ।

ଆମମାନଙ୍କୁ ନିଜର ଆତ୍ମ ସମୀକ୍ଷା କରିବାର ଆବଶ୍ୟକତା ରହିଛି । କାରଣ ଆମର ଆଜ୍ଞାପାଳନ ତଥା ଅନୁକରଣର ସ୍ତର କ'ଣ ରହିଛି ? କ'ଣ ଆମେମାନେ ସେହି ଦୁଆର ଅଧିକାରୀ ହେଉଅଛୁ ଯାହା ହ. ମସିହ୍ ମଉଦ୍ ଅ.ସ ନିଜ ଜମାଅତ୍ ଏବଂ ନିଜର ପ୍ରକୃତ ଅନୁଗାମୀମାନଙ୍କ ନିମନ୍ତେ କରିଛନ୍ତି? କ'ଣ ଆମେମାନେ ଅଲ୍ଲାଃତାଲାଙ୍କର ସେହି କୃପାକୁ ମଧ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ପରିଗଣିତ ହେଉଛେ? ଯାହାର ପ୍ରତିଶୃତି ଅଲ୍ଲାଃତାଲା ଆପଣ ଅ.ସଙ୍କର ଅନୁଗାମୀମାନଙ୍କ ନିମନ୍ତେ ଆପଣ ଅ.ସଙ୍କ ସହିତ କରିଛନ୍ତି । କ'ଣ ଆମେମାନେ ଧର୍ମପରାୟଣତାର ସେହି ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରୁଛେ ଯେଉଁ ସ୍ତର ପ୍ରାପ୍ତ କରିବା ନିମନ୍ତେ ଆପଣ ଅ.ସ ନିଜର ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କ ମଧ୍ୟରେ ଦେଖିବାକୁ ଚାହୁଁଛନ୍ତି ? ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଯେଉଁ ପ୍ରତିଶୃତି କରିଛନ୍ତି ଯଦି ସେପରି ନୁହେଁ ତାହାହେଲେ ସ୍ୱଳ୍ପ ଦିନର ଦୁଆ, ରମ୍‌ଜାନ ମାସର ଦୁଆ, ସ୍ୱଳ୍ପ ଦିନର ଉପାସନା ଏବଂ ରୋଦନ ଆମମମାନଙ୍କୁ ପୁରସ୍କାରର ଅଧିକାରୀ କରିଦେବ ନାହିଁ ।

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ **'କିଶ୍‌ତି ନୁହ୍'** ରେ କୁହନ୍ତି ଯେ, "ଏକଥା ସ୍ପଷ୍ଟ ହେଉ ଯେ, ଯେପର୍ଯ୍ୟନ୍ତ ହୃଦୟର ଉଦ୍ଦେଶ୍ୟ ଅର୍ଥାତ୍ ସତ୍‌ଇଚ୍ଛା ଏବଂ ଦୁଆ ସହିତ ସଂଶ୍ଳିଷ୍ଟ ହୋଇ ନାହିଁ ସେପର୍ଯ୍ୟନ୍ତ କେବଳ ତୁଣ୍ଡରୁ ବାଚିକ ବୈଅତ୍ କରିବାର ସ୍ୱୀକାରୋକ୍ତି ପ୍ରକାଶ କରିବା କୌଣସି ବସ୍ତୁ ନୁହେଁ । ଅର୍ଥାତ ଉଦ୍ଦଶ୍ୟମୂଳକ ଭାବରେ ସଂପୂର୍ଣ୍ଣ ରୂପେ ଏହା ଉପରେ କାର୍ଯ୍ୟାନୁସରଣ କରାଯାଇ ନାହିଁ ସେପର୍ଯ୍ୟନ୍ତ ବାଚିକ ବୈଅତର କୌଣସି ମୂଲ୍ୟ ନାହିଁ । ଅର୍ଥାତ୍ ଇଚ୍ଛା ଓ ଦୁଆ କରିବା ସହିତ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ ମଧ କରିବା ଉଚିତ୍ । ଅତଏବ୍ ଯେଉଁ ବ୍ୟକ୍ତି ମୋର ଶିକ୍ଷା ଉପରେ ଅତଏବ୍ ଯେଉଁ ବ୍ୟକ୍ତି ମୋ ଶିକ୍ଷା ଉପରେ ପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରି ନାହିଁ ସେ ମୋର ଏହି ଘରେ ଅର୍ଥାତ ମୋର ଧର୍ମନିଷ୍ଠତାମୂଳକ ବୈଅତ୍‌ର ପ୍ରକୃତ ଅଧିକାରୀ ହୋଇପାରିବ ନାହିଁ । ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲାଙ୍କ ବାଣୀରେ ଏହି ପ୍ରତିଶୃତିର ଉଲ୍ଲେଖ ରହିଛି ଯେ, اِنِّيْ اُحَافِظُ كُلَّ مَنْ فِي الدَّارِ ଅର୍ଥାତ ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ତୁମ୍ଭର ଚାରି କାନ୍ଥ ମଧ୍ୟରେ (ଆବଦ୍ଧିତ) ଅଛନ୍ତି ମୁଁ ସେମାନଙ୍କୁ ରକ୍ଷା କରିବି ।" **(କିଶ୍‌ତି ନୁହ୍, ରୁହାନୀ ଖଜାଏନ୍, ଭାଗ-9, ପୃ-10)**

ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ପ୍ରତ୍ୟେକ ସଂକଟରୁ ଓ ପ୍ରତ୍ୟେକ ପ୍ରକାରର ବିପତ୍ତିରୁ ଉଦ୍ଧାର ପାଇବା ନିମନ୍ତେ ଏକ ପଥ୍ୟ ସଂପର୍କରେ କହିଛନ୍ତି। ଅତଏବ୍ ଆପଣ ଅ.ସ କୁହନ୍ତି: "ତୁମେମାନେ ମୋର ଶିକ୍ଷାନୁଯାୟୀ ନୈଷ୍ଠିକ ହୋଇ ଅଲ୍ଲାଃତାଲାଙ୍କର ଶରଣାପନ୍ନ ହେବା ନିମନ୍ତେ ଉଦ୍ୟମ କର ଓ ତା' ପରେ ଦେଖ ଯେ, ଅଲ୍ଲାଃତାଲା ତୁମମାନଙ୍କୁ କିପରି ସୈତାନ୍ ଓ ଦଜ୍ଜାଲ୍‌ର ଆକ୍ରମଣରୁ ରକ୍ଷା କରୁଛିନ୍ତି ? ବରଂ ଆମମାନଙ୍କୁ ସେହି ଅସ୍ତ୍ର ଦ୍ୱାରା ମଧ ଅଲ୍ଲାଃତାଲା ସଜ୍ଜିତ କରିଦେବେ । ଯେଉଁ ଅସ୍ତ୍ରକୁ ବ୍ୟବହାର କରିବା ଦ୍ୱାରା ଆମେମାନେ ସୈତାନ୍ ଉପରେ ବିଜୟ ପ୍ରାପ୍ତ କରିନେବୁ । ଆମେମାନେ କେବଳ ସୈତାନ୍‌ରୁ ମୁକ୍ତି ପାଇବୁ ତାହା ନୁହେଁ ବରଂ ସୈତାନକୁ ମଧ ନିପାତ କରିଦେବୁ । ଆମେମାନେ ସୈତାନକୁ ସବୁଦିନ ପାଇଁ ଦୂରେଇ ଦେବୁ ଓ ଦଜ୍ଜାଲ୍‌ର ଆକ୍ରମଣରୁ ବର୍ତ୍ତିପାରିବୁ ତଥା ସୈତାନର ବିନାଶ ସାଧନକାରୀ ବ୍ୟକ୍ତିରେ ପରିଗଣିତ ହେବୁ ।"

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

**(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)**

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଏକ ଅବସରରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "କିନ୍ତୁ ସ୍ମରଣ ରଖିବା ଉଚିତ୍ ଯେ, ସୈତାନକୁ ମାରିବା ଅର୍ଥାତ ସୈତାନ୍‌ର ମୃତ୍ୟୁ କେବଳ ସେତିକି ନୁହେଁ ଯେ, କେବଳ ତୁଣ୍ଡରୁ କହିଦିଆଯାଉ ଯେ, ସୈତାନ୍ ମୃତ୍ୟୁ ବରଣ କଲା ଓ ମୃତ୍ୟୁବରଣ କରୁ । ବରଂ ତୁମେମାନେ ଲୋକମାନଙ୍କୁ ବ୍ୟବହାରିକ ରୂପେ ଦେଖାଇବା ଉଚିତ୍ ଯେ, ସୈତାନ ମୃତ୍ୟୁ ବରଣ କରିଛି । ସୈତାନର ମୃତ୍ୟୁ ଖାଲି କହିବା ଦ୍ୱାରା ନୁହେଁ ବରଂ ଅବସ୍ଥା ଦ୍ୱାରା ମଧ୍ୟ ପ୍ରକାଶିତ କରିବା ଉଚିତ୍ । କେବଳ ତୁଣ୍ଡରୁ ସୈତାନର ମୃତ୍ୟୁର ଘୋଷଣା କର ନାହିଁ । ବରଂ ପ୍ରତ୍ୟେକ ଆଚରଣ, ଆମର ପ୍ରତ୍ୟେକ କର୍ମ, ଆମର ପ୍ରତ୍ୟେକ ଅବସ୍ଥା ଦ୍ୱାରା ଉକ୍ତ କଥାର ପରିପ୍ରକାଶକ ହେଉଥିବ ଯେ, ଆମେମାନେ ନିଜର ସୈତାନକୁ ବଧ କରିଦେଇଛୁ । ଅଲ୍ଲାଃତାଲାଙ୍କର ଏହି ପ୍ରତିଶୃତି ରହିଛି ଯେ, ଶେଷ ଯୁଗରେ ସୈତାନ୍ ସଂପୂର୍ଣ୍ଣ ରୂପେ ମୃତ୍ୟୁବରଣ କରିବ। ସୈତାନ୍ ପ୍ରତ୍ୟେକ ବ୍ୟକ୍ତି ସହିତ ଥାଏ । କିନ୍ତୁ ଆମର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅଙ୍କର ସୈତାନ୍ ମୁସଲମାନ ହୋଇଯାଇଥିଲା । ଏକ ଉଦାହରଣ ରହିଛି, ସୁନ୍ନତ୍ ଆମ ସମ୍ମୁଖରେ ବର୍ଣ୍ଣନା କରାଯାଇଛି ଓ ଯଦି ସୈତାନ୍ ଉପରେ ପ୍ରଭୁତ୍ୱ ବିସ୍ତାର କରିବାର ଅଛି ତାହାହେଲେ ସୁନ୍ନତ୍ ଉପରି ପରିଚାଳିତ ହେବା ହେବା ମଧ୍ୟ ଆମ ପକ୍ଷେ ବାଞ୍ଛନୀୟ । ଆପଣ ଅ.ସ କୁହନ୍ତି: "ଅଲ୍ଲାଃତାଲାଙ୍କର ପ୍ରତିଶୃତି ରହିଛି ଯେ, ଏହି ଯୁଗରେ ସୈତାନ୍‌ର ସଂପୂର୍ଣ୍ଣ ରୂପେ ଅନ୍ତ ଘଟିବ । ଏହା ତ' ତୁମେମାନେ ଜାଣ ଯେ, لَاحَوۡل ପାଠ କରିବା ଦ୍ୱାରା ସୈତାନ୍ ପଳାୟନ କରିଥାଏ। କିନ୍ତୁ ସୈତାନ୍ ଏତେ ସରଳ ନୁହେଁ କେବଳ ବାଚିକ ଉଚ୍ଚାରଣ ଅର୍ଥାତ ତୁଣ୍ଡରୁ କେବଳ لَاحَوۡلَ وَلَا قُوَّۃَ اِلَّا بِاللّٰہِ କହିଦେଲେ ସୈତାନ ପଳାୟନ କରିଥାଏ, ତାହା ନୁହେଁ । ଏହିପରି ତ' ଶହେ ଥର لَاحَوۡل ପାଠ କଲେ ମଧ୍ୟ ସୈତାନ ପଳାୟନ କରିବ ନହିଁ । ବରଂ ପ୍ରକୃତ କଥା ଏହିକିଯେ, ଯେଉଁ ବ୍ୟକ୍ତିର ଶିରାପ୍ରଶିରା ଏବଂ ସୂକ୍ଷ୍ମ କଣିକାରେ لَاحَوۡل ପ୍ରବିଷ୍ଟ ହୋଇଯାଏ ଏବଂ ଯେଉଁ ବ୍ୟକ୍ତିମାନେ ପ୍ରତ୍ୟେକ ମୁହୂର୍ତ୍ତ ପ୍ରଭୁଙ୍କ ଠାରୁ ଏକାନ୍ତ ସାହାଯ୍ୟ ଭିକ୍ଷା ଓ ସହଯୋଗ କାମନା କରିଥାନ୍ତି ଓ ତାହାଙ୍କ ଠାରୁ କୃପାଲାଭ କରିଥାଆନ୍ତି ତେବେ ସେହି ବ୍ୟକ୍ତିମାନେ ହିଁ ସୈତାନରୁ ରକ୍ଷା ପାଇଥାଆନ୍ତି । ହୃଦୟ ବା ଅନ୍ତର୍ମ୍ମାରୁ ସ୍ୱର ବାହାରିଥାଏ । ଅର୍ଥ ଜଣାଥାଏ । କେବଳ ବାଚିକ ଏକତ୍ର ଖର୍ଚ୍ଚ ନୁହେଁ । ସେହିମାନେ ଅଟନ୍ତି ଯେଉଁମାନେ ସଫଳତା ପ୍ରାପ୍ତାକାରୀ ଅଟନ୍ତି ।"

**(ମଲ୍‌ଫୁଜାତ୍, ଭାଗ-10, ପୃ-61, ପ୍ରକାଶନ ବର୍ଷ-1984 ମସିହା)**

ପୁନଶ୍ଚ ଏକ ସଭାରେ ଆପଣ ଅ.ସ କୁହନ୍ତି : "ମନେରଖ ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ପ୍ରାରମ୍ଭ ଦୁଆ ସହିତ କରିଛନ୍ତି ଓ ପୁନଶ୍ଚ ଏହାକୁ ସମାପ୍ତ ମଧ୍ୟ ଦୁଆ ସହ କରିଛନ୍ତି । ତେବେ ଏହାର ଅର୍ଥ ଏହିକି ଯେ, ମନୁଷ୍ୟ ଏଭଳି ଦୁର୍ବଳ ପ୍ରାଣୀ ଯେ, ସେ ଅଲ୍ଲାଃତାଲାଙ୍କ କୃପା ବ୍ୟତୀରେକ ପବିତ୍ର ହୋଇପାରିବ ନାହିଁ ।" ହ. ମସିହ୍ ମଉଦ୍ ଅ.ସ ସଭାରେ ଏହି ଚର୍ଚ୍ଚା କରିଥିଲେ। ଏହାର ରିପୋର୍ଟରେ ଅନ୍ୟ ସ୍ଥଳେ ଏହିପରି ମଧ୍ୟ ଆଗକୁ ବାକ୍ୟ ରହିଛି ଯେ, "ତୁମେମାନେ ନିଜକୁ ପବିତ୍ର ବୋଲି ବିବେଚିତ କର ନାହିଁ । କାରଣ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା କୌଣସି ବ୍ୟକ୍ତି ପବିତ୍ର କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ପବିତ୍ର ନୁହେଁ ।" ପୁଣ୍ୟରେ ଉନ୍ନତି କରିବା ନିମନ୍ତେ ଅଲ୍ଲାଃତାଲାଙ୍କର ସହାଯ୍ୟ ଆବଶ୍ୟକ ପଡ଼ିଥାଏ। ଏକ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ସମସ୍ତ ମନୁଷ୍ୟ ମୃତ ଅଟନ୍ତି । କିନ୍ତୁ ପ୍ରଭୁ ଯାହାକୁ ଜୀବିତ କରନ୍ତି ଓ ସମସ୍ତେ ମାର୍ଗଚ୍ୟୁତ ଅଟନ୍ତି କିନ୍ତୁ ପ୍ରଭୁ ଯାହାକୁ ମାର୍ଗଦର୍ଶନ ପ୍ରଦାନ କରନ୍ତି ତଥା ସମସ୍ତେ ଅନ୍ଧ ଅଟନ୍ତି କିନ୍ତୁ ପ୍ରଭୁ ଯାହାକୁ ଚକ୍ଷୁ ପ୍ରଦାନ କରନ୍ତି ।

ଅତଏବ୍ ଏକଥା ସତ୍ୟ ଯେ, ଯେପର୍ଯ୍ୟନ୍ତ ପ୍ରଭୁଙ୍କର କଲ୍ୟାଣ ତଥା ତାହାଙ୍କ କୃପା ଲାଭ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ସଂସାରରେ ପ୍ରେମର ଗଳ ବନ୍ଧନୀ, ଗଳାର ହାର ହୋଇ ରହିଥାଏ । ସେହି ବ୍ୟକ୍ତି ତହିଁରୁ ମୁକ୍ତି ପ୍ରାପ୍ତ କରିବେ ଯେଉଁମାନଙ୍କ ଉପରେ ପ୍ରଭୁ ନିଜର କୃପା କରିଥାନ୍ତି । କିନ୍ତୁ ସ୍ମରଣ ରଖିବା ଉଚିତ୍ ଯେ, ପ୍ରଭୁଙ୍କ କୃପା ମଧ୍ୟ ପ୍ରାର୍ଥନା ଦ୍ୱାରା ଆରମ୍ଭ ହୋଇଥାଏ । ଅଲ୍ଲାଃତାଲାଙ୍କ ଠାରୁ କୃପାଲାଭ କରିବାକୁ ହେଲେ ପ୍ରାର୍ଥନା କରିବାକୁ ପଡ଼ିଥାଏ । କିନ୍ତୁ ଏହା ଭାବ ନାହିଁ ଯେ, ଦୁଆ କହିଲେ କେବଳ ବାଚିକ ବକ ବକ ହେବାକୁ ବୁଝାଏ । ବରଂ ଦୁଆ ଏକ ପ୍ରକାରର ମୃତ୍ୟୁ ଅଟେ ଏବଂ ଏହାପରେ ଜୀବନ ପ୍ରାପ୍ତ ହୋଇଥାଏ । ଯେପରିକି ପଞ୍ଜାବୀରେ ଏକ କବିତା ରହିଛି ଯେ, جو منگے سو مر رہے مرے سو منگن جا ଅର୍ଥାତ ଭିକ୍ଷୁକକୁ ନିଜ ଉପରେ ମୃତ୍ୟୁକୁ ସ୍ୱୀକାର କରିବାକୁ ପଡ଼ିଥାଏ । ସୁତରାଂ ମୃତ୍ୟୁକୁ ବରଣ କରିବାର ଉତ୍ସାହ ଯଦି ମନରେ ରହିଛି ତାହାହେଲେ ଭିକ୍ଷୁକ ସାଜ। ଯଦି ଏପରି କରିପାରିବ ଓ କରିବ ତାହାହେଲେ ଭିକ୍ଷୁକ ହୁଅ ।

ଆପଣ ଅ.ସ କୁହନ୍ତି: "ପ୍ରାର୍ଥନାରେ ଏକ ବିଶେଷ ପ୍ରକାରର ଚୁମ୍ବକୀୟ ଶକ୍ତି ଓ ପ୍ରଭାବ ରହିଥାଏ । ତାହା ଦୟା ଓ କୃପାକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ। ଏହା କୌଣସି ଦୁଆ ନୁହେଁ ଯେ, ତୁଣ୍ଡରୁ اِھۡدِنَا الصِّرَاطَ الۡمُسۡتَقِیۡمَ କହୁଥାଅ ଓ ମନରେ ଏହି ବିଚାର ରହିଲା ଯେ, ଅମକ ସଉଦା ଏହିପରି କରିବା ଉଚିତ୍ । ତୁଣ୍ଡ ଅନ୍ୟ ଦିଗ ଆଡ଼କୁ ଅଗ୍ରସର ହେଉଛି । ମନ ଓ ମସ୍ତିଷ୍କ ଅନ୍ୟ କେଉଁଠି ଏବଂ ଅନ୍ୟ କେଉଁ ଆଡ଼କୁ ଚାଲିଯାଉଛି । ଅମକ ବସ୍ତୁ ରହିଗଲା । ଏହି କାର୍ଯ୍ୟ ଏହିପରି ହେବା ଉଚିତ୍ ଥିଲା ଯଦି ତାହା ଏହିପରି ହୋଇଯାଏ ତାହାହେଲେ ଆମେମାନେ ଏହିପରି କରିବୁ । ମସ୍ତିଷ୍କରେ ସାଂସାରିକ ପ୍ରସଙ୍ଗ ଅଧିକ ଚାଲିଛି ଓ ତୁଣ୍ଡରେ ପ୍ରକାଶ୍ୟ ରୂପେ ପ୍ରାର୍ଥନା ବାହାରୁଛି । ଆପଣ ଅ.ସ କୁହନ୍ତି: ଏହା ତ' କେବଳ ବୟସ ଅପଚୟ କରିବା ଅଟେ । ଯେପର୍ଯ୍ୟନ୍ତ ମନୁଷ୍ୟ ଅଲ୍ଲାଃତାଲାଙ୍କର ଗ୍ରନ୍ଥକୁ ପ୍ରାଧାନ୍ୟ ଦେଇ ନାହିଁ ଓ ତଦନୁଯାୟୀ କାର୍ଯ୍ୟାନୁସରଣ କରୁ ନାହିଁ ସେପର୍ଯ୍ୟନ୍ତ ତା'ର ନମାଜ କେବଳ ସମୟର ଅପଚୟ କରିବା ଅଟେ ।" ଅଲ୍ଲାଃତାଲା ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ରେ ଯେଉଁ ଆଦେଶାବଳୀ ପାଳନ କରିବା ନିମନ୍ତେ ଆଦେଶ ଦେଇଛନ୍ତି ସେଗୁଡ଼ିକୁ ପାଠ କରିବା ଉଚିତ୍ । ରମ୍‌ଜାନ୍ ମାସରେ ଆମେମାନେ ପବିତ୍ର କୁରଆନ୍ କରୀମ୍ ପାଠ କରୁଥିଲୁ, ଦରସ୍ ଶୁଣୁଥିଲୁ । ସୁତରାଂ ଏହା ଉପରେ କାର୍ଯ୍ୟାନୁସରଣ କର ଓ ଦେଖ ଏହାପରେ ତୁମେ ଯେଉଁ ଜୀବନ ଯାପନ କରିବ ତାହା ପ୍ରକୃତ ଜୀବନ ଅଟେ । ତାହା ସେହି ଲୋକମାନଙ୍କର ଜୀବନ ଅଟେ ଯେଉଁମାନଙ୍କ ଉପରେ ଅଲ୍ଲାଃତାଲା କୃପାବତୀର୍ଣ୍ଣ କରିଥାଆନ୍ତି ।

ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମରେ ସ୍ପଷ୍ଟ ରୂପେ ଉଲ୍ଲେଖ ରହିଛି ଯେ, قَدۡ اَفۡلَحَ الۡمُؤۡمِنُوۡنَ الَّذِیۡنَ ھُمۡ فِیۡ صَلَاتِہِمۡ خٰشِعُوۡنَ (ଅଲ୍ ମୁମିନୁନ୍:2-3) ସଂପୂର୍ଣ୍ଣ ବିଶ୍ୱାସକାରୀମାନେ ନିଜର ଅଭିଳଷିତ ଲକ୍ଷ୍ୟ ହାସଲ କରିଛନ୍ତି । ଅର୍ଥାତ ଯେତବେବେଳେ ଦୁଆ କରୁ କରୁ ମନୁଷ୍ୟର ହୃଦୟ ଦ୍ରବୀଭୂତ ହୋଇଯାଏ ଓ ପ୍ରଭୁଙ୍କ ଆସ୍ଥାନ ଉପରେ ଏଭଳି ନିଷ୍ଠାପୂର୍ଣ୍ଣ ତଥା ସତ୍ୟବାଦୀ ହୋଇ ପଡ଼ିଯାଏ ଯେପରି କି ସେ ତହିଁରେ ହିଁ ନିମଜ୍ଜିତ ହୋଇଯାଉ, ସେ ନିଜର ସମସ୍ତ ଚିନ୍ତାଧାରକୁ ସମାପ୍ତ କରି ତାହାଙ୍କ ଠାରୁ କୃପା ତଥା ସାହାଯ୍ୟ ଭିକ୍ଷା କରୁ ଓ ଏପରି ଏକାଗ୍ରଚିତ୍ତତା ପ୍ରାପ୍ତ ହୋଇଯାଉ ଯେ, ଏକ ପ୍ରକାରର କାରୁଣ୍ୟ ତଥା ଦ୍ରାବୀଭୂତ ସୃଷ୍ଟି ହୋଇଯାଉ । ସେତେବେଳେ ବିଜୟର ଦ୍ୱାରା ଉନ୍ମୁକ୍ତ ହଇଯାଇଥାଏ । ବିଜୟ ପ୍ରାପ୍ତକାରୀ ହେଉଛନ୍ତି ସେହି ବିଶ୍ୱାସକାରୀମାନେ ଯେଉଁମାନଙ୍କର ନମାଜ ଭୟ ଦ୍ୱାରା ପରିପୂର୍ଣ୍ଣ ହୋଇଥାଏ । ଯେତେବେଳେ ହୃଦୟ ସଂପୂର୍ଣ୍ଣ ରୂପେ ଦ୍ରବୀଭୂତ ହୋଇଯାଏ ସେତେବେଳେ ବିଜୟର ଦ୍ୱାର ଉନ୍ମୁକ୍ତ ହୋଇଥାଏ । ଅଲ୍ଲାଃତାଲାଙ୍କର ଦୟା ତଥା ତାହାଙ୍କର ସମର୍ଥନ ସେତେବେଳେ ପ୍ରାପ୍ତ ହୋଇଥାଏ ଯେତେବେଳେ ନିଷ୍ଠାପୂର୍ଣ୍ଣ ଭାବରେ ଅଲ୍ଲାଃତାଲାଙ୍କ ନିମନ୍ତେ ହୋଇଯାଇ ମନୁଷ୍ୟ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ (ପ୍ରାର୍ଥନାରତ) କରୁଥିବ । ସେତେବେଳେ ବିଜୟର ଦ୍ୱାରା ଉନ୍ମୁକ୍ତ ହୋଇଥାଏ । ଏହା ଦ୍ୱାରା ସାଂସାରିକ ପ୍ରେମ ଶିଥିଳ ପଡ଼ିଯାଇଥାଏ । କାରଣ ଦୁଇଟି ପ୍ରେମ କଦାପି ଏକ ସ୍ଥାନରେ ଏକତ୍ରିତ ହୋଇପାରିବ ନାହିଁ । ଯେପରିକି ଉଲ୍ଲେଖ ରହିଛି ଯେ, ہم خدا خواہی وہم دنیائے دوں ایں خیال است و محال است و جنوں ଅର୍ଥାତ୍ ତୁ ପ୍ରଭୁଙ୍କର ଅଭିଳାଷୀ ଅଟୁ ଓ ସେହି ତୁଚ୍ଛ ସଂସାରର ମଧ୍ୟ ଅଭିଳାଷୀ ଅଟୁ । ଏହା କେବଳ ତୋର ଭ୍ରମ ଅଟେ । ଏହା କେବଳ ଚିନ୍ତାଧାରା ହିଁ ଅଟେ। ଏଗୁଡ଼ିକ ସବୁ ଅସମ୍ଭବ କଥା ଅଟେ । ଏହି ଦୁଇଟି ପ୍ରେମ କଦାପି ଏକତ୍ରିତ ହୋଇପାରିବ ନାହିଁ । ଏହା ହେଉଛି ପାଗଳାମୀମୂଳକ କଥା ଏବଂ ପାଗଳପଣ ଅଟେ । ଆପଣ ଅ.ସ କୁହନ୍ତି: "ଏଣୁ ଏହା ପରେ ଅଲ୍ଲାଃତାଲା କୁହନ୍ତି وَالَّذِیۡنَ ھُمۡ عَنِ اللَّغۡوِ مُعۡرِضُوۡنَ **(ଅଲ୍ ମୁମିନୁନ୍: 4)** ଅର୍ଥାତ୍ ଯେଉଁମାନେ ଅଯଥା ବିଷୟମାନଙ୍କରୁ ଦୂରେଇ ରୁହନ୍ତି । ଏଠାରେ ନିରର୍ଥକରୁ ସାଂସାରିକତା ଯଥାର୍ଥ ଅଟେ । ଅର୍ଥାତ ମନୁଷ୍ୟ ଯେତେବେଳେ ନମାଜର ବିନୀତତା ତଥା ବିନମ୍ରତା ଭାବ ପ୍ରାପ୍ତ ହୋଇଯାଇଥାଏ ସେତବେଳେ ଏହାର ପରିଣାମ ଏହା

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ହୋଇଥାଏ ଯେ, ବ୍ୟକ୍ତି ସଂସାରର ପ୍ରେମ, ମୋହ ମାୟା ଠାରୁ ବ୍ୟକ୍ତିର ହୃଦୟ ଶୀତଳ ହୋଇଯାଇଥାଏ । ତହିଁରୁ ଏହା ଯଥାର୍ଥ ନୁହେଁ ଯେ, ସେହି ବ୍ୟକ୍ତି କୃଷି, ବାଣିଜ୍ୟ ବ୍ୟବସାୟ, ଚାକିରୀ ଇତ୍ୟାଦି ଛାଡ଼ି ଦେଇଥାଏ । ବରଂ ସେହି ବ୍ୟକ୍ତି ସାଂସାରିକ କାର୍ଯ୍ୟରୁ ଏପରି ବିମୁଖତା ପ୍ରଦର୍ଶନ କରିବାକୁ ଲାଗିଯାଏ ଯେପରିକି ସେହି କାର୍ଯ୍ୟଗୁଡ଼ିକ ପ୍ରବଞ୍ଚକ ଏବଂ ଈଶ୍ୱରଙ୍କ ଠାରୁ ଅବଚେତନ କରିଦେଇ ଥାଆନ୍ତି। "ସୁତରାଂ ଯେଉଁ କାର୍ଯ୍ୟଗୁଡ଼ିକ ପ୍ରଭୁଙ୍କ ଆଦେଶାବଳୀ ବିରୁଦ୍ଧୀୟ ଅଟନ୍ତି ବ୍ୟକ୍ତି ତହିଁରୁ ବର୍ତ୍ତିବାକୁ ପ୍ରୟାସ କରିଥାଏ। ଏହାର ଅତିରିକ୍ତ ସ୍ୱଷ୍ଟୀକରଣ ଅନ୍ୟ ଏକ ସ୍ଥଳେ ଏହିପରି ଉଲ୍ଲେଖ ରହିଛି । ଏହି ଚର୍ଚ୍ଚା ହେଉଛି ଏକ ସଭାର ଚର୍ଚ୍ଚା। ସୁତରାଂ ଆପଣ ଅ.ସ କୁହନ୍ତି: "رِجَالٌ لَّا تُلْهِيهِمْ تِجَارَةٌ وَّلَا بَيْعٌ عَن ذِكْرِ اللّٰهِ **(ଅନ୍ ନୁର୍: 38)**ଅର୍ଥାତ୍ ଏପରି କେତେକ ପୁରୁଷ ଅଛନ୍ତି ଯେଉଁମାନଙ୍କୁ ବାଣିଜ୍ୟ ବ୍ୟବସାୟ ବା କ୍ରୟ ବିକ୍ରୟ ଅଲ୍ଲାଃତାଲାଙ୍କ ସ୍ମରଣରୁ ଓ ସୁଚାରୁ ରୂପେ ନମାଜ ପାଠରୁ ଓ ଜକାତ୍ ଦାନରୁ ଅମନଯୋଗୀ କରିପାରେ ନାହିଁ । ଆପଣ ଅ.ସ କୁହନ୍ତି: "ପ୍ରଭୁଙ୍କ ସହିତ ସଂପର୍କ ସ୍ଥାପନକାରୀ ସାଂସାରିକ ବ୍ୟକ୍ତି ବୋଲାଏ ନାହିଁ । ବରଂ ସାଂସାରିକ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯାହାକୁ ଭଗବାନ ମନେ ରହୁନ୍ତି ନାହିଁ ।"

ସେ ଯାହା ହେଉ ଆପଣ ଅ.ସ ଅଲ୍ଲାଃତାଲାଙ୍କର ଭକ୍ତମାନଙ୍କର ପ୍ରଶଂସା କରି କୁହନ୍ତି: "ଏପରି ଲୋକମାନଙ୍କର କାକୁତି ମିନତି (ଅର୍ଥାତ୍ ପ୍ରଭୁଙ୍କ ଭକ୍ତମାନଙ୍କର ଆକୁଳ ନିବେଦନ) ରୋଦନ ତଥା ବିଳାପ ଅଲ୍ଲାଃତାଲାଙ୍କ ସମକ୍ଷରେ ନିବେଦନ କରିବାର ଏହି ପରିଣାମ ହୋଇଥାଏ ଯେ, ଏଭଳି ବ୍ୟକ୍ତି ଧର୍ମର ପ୍ରେମକୁ ସାଂସାରିକତା ପ୍ରେମ, ଲୋଭ, ମୋହ, ବିଳାସ ବ୍ୟସନ ଉପରେ ପ୍ରାଧାନ୍ୟ ଦେଇଥାଏ ।" ହୁଜୁର ଅନ୍ୱର୍ ଅ.ବ କହିଲେ, ଏହା ହେଉଛି ଧାର୍ମିକତାକୁ ସାଂସାରିକତା ଉପରେ ଅଗ୍ରାଧିକାର ଦେବାର ସଂଜ୍ଞା । କାରଣ ଏହା ନିୟମଭିତ୍ତିକ ପ୍ରସଙ୍ଗ ଯେ, ଗୋଟିଏ ସୁକର୍ମ ଅନ୍ୟ ଏକ ସୁକମକୁ ଆକର୍ଷିତ କିରଥାଏ ଏବଂ କୁକର୍ମ ଅନ୍ୟ କୁକର୍ମ କରିବା ପ୍ରତି ଅନୁପ୍ରାଣିତ କରିଥାଏ । ଯେତେବେଳେ ସେହି ଲୋକମାନେ ନିଜ ନମାଜରେ ବିନମ୍ରତା ଓ ବିନୀତତା ପ୍ରଦର୍ଶନ କରନ୍ତି ତେବେ ଏହାର ଅବଶ୍ୟାମ୍ଭୀ ପରିଣାମ ଏହା ହୋଇଥାଏ ଯେ, ସ୍ୱଭାବିକ ରୂପେ ବ୍ୟକ୍ତିମାନେ ବାଯ୍ୟ କଥା ଏବଂ ବାଯ୍ୟ ତଥା ନିରର୍ଥକ ପ୍ରସଙ୍ଗରେ ବିମୁଖତା ପ୍ରଦର୍ଶନ କରିଥାଆନ୍ତି । ଲୋକମାନେ ସେହି କଳୁଷ, ପଙ୍କିଳ ଓ ପାପମୟ ସଂସାରରୁ ମୁକ୍ତିଲାଭ କରନ୍ତି । ଉକ୍ତ ସଂସାରର ପ୍ରେମ (ମୋହ) ଶିଥିଳ ଏବଂ ଶୀତଳ ହୋଇ ପ୍ରଭୁଙ୍କ ପ୍ରେମ ସେମାନଙ୍କ ଠାରେ ଉତ୍ପନ୍ନ ହୋଇଯାଇଥାଏ । **(ମଲ୍‌ଫୁଜାତ୍, ଭାଗ-10, ପୃ-62-64, ବି.ଦ୍ର ସହ)** ନମାଜ ସେମାନଙ୍କୁ ପୁଣ୍ୟ ଆଡ଼କୁ ନେଇଯାଇଥାଏ । ସାଂସାରିକ ବ୍ୟାପାର ବାଣିଜ୍ୟ ସତ୍ତ୍ୱେ ସଂସାର ପ୍ରାପ୍ତି ସେମାନଙ୍କର ଅଭିପ୍ରାୟ ହୋଇ ନଥାଏ । ଯେପରିକି ମୁଁ ବିଗତ ଖୁତବାମାନଙ୍କର ذِكْرُ اللّٰهِ ସ୍ୱଷ୍ଟୀକରଣ ପ୍ରଦାନ କରିଥିଲି । ପରମ ଅଭିପ୍ରାୟ ଓ ପରମ ପ୍ରିୟ ଅସ୍ତିତ୍ୱ ଅଲ୍ଲାଃତାଲା ହୋଇଥାଆନ୍ତି ।

ସୁତରାଂ ଏହା ହେଉଛି ସେହି ସ୍ତର ଯେଉଁ ସ୍ତରକୁ ଆମମାନଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରି ସୈତାନର ସଂହାର କରିବା ନିମନ୍ତେ ଅବଲମ୍ବନ କରିବାକୁ ହେବ । ସୈତାନକୁ ଘଉଡ଼ାଇବା ପାଇଁ لَاحَوْلَ ପଢୁଛ ତେବେ ପ୍ରତ୍ୟେକ ମୁହୂର୍ତ୍ତ ଆମମାନଙ୍କର ମସ୍ତିଷ୍କରେ ଉକ୍ତ କଥା ବସା ବାନ୍ଧିବା ଉଚିତ୍ ଯେ, ସମସ୍ତ ଶକ୍ତି ଓ ସାମର୍ଥ୍ୟର ଅଧିକାରୀ ଅଲ୍ଲାଃତାଲା ଅଟନ୍ତି । ତାହାଙ୍କ ଅନୁମତି ବିନା ପତ୍ରଟିଏ ମଧ୍ୟ ତଳେ ଖସି ପାରିବ ନାହିଁ । କହିବାକୁ ଗଲେ ଆମମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି କହି ଦିଅନ୍ତି ଯେ, ଏହା ହିଁ ଆମମାନଙ୍କର ବିଶ୍ୱାସ ଅଟେ । ଆମେମାନେ ତ' ସ୍ୱୀକାର କରୁଛେ କିନ୍ତୁ ଯେତେବେଳେ ବ୍ୟବହାରିକ ପ୍ରଦର୍ଶନ କରିବାର ସମୟ ଆସେ ସେତେବେଳେ ଅନ୍ୟ ସାଂସାରିକ ଭୟ ଓ ମୋହ ମାୟା, ଇଚ୍ଛା ଏବଂ ଅଭିଳାଷା ରହିଛି ତାହା ଅଲ୍ଲାଃତାଲାଙ୍କ ପ୍ରେମ ତୁଳନାରେ କାୟା ବିସ୍ତାର କରିଥାଏ।

ଅତଏବ୍ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଓ ଅଲ୍ଲାଃତାଲାଙ୍କର ପ୍ରକୃତ ଉପାସନା ଏପରି ହେବା ଉଚିତ୍ ଯେପରି ଏହାର ପ୍ରଭାବ ଆମମାନଙ୍କର ଆତ୍ମା ଓ ଶରୀର ଉଭୟରେ ପଡୁ । ଯେତେବେଳେ ଉପାସନାର ଏହି ସ୍ତର ହେବ ସେତେବେଳେ ପ୍ରକାଶ୍ୟ ମୌଳିକ ଚରିତ୍ର ମଧ୍ୟ ଉନ୍ନତି ଅଭିମୁଖେ ଅଗ୍ରସର ହୋଇଥାଆନ୍ତି । ମନ, ମସ୍ତିଷ୍କ ଓ ଆତ୍ମା ପବିତ୍ର ହୋଇଥାଏ । ସୈତାନର ପ୍ରତ୍ୟେକ ଆକ୍ରମଣ ଓ ପ୍ରତ୍ୟେକ ପ୍ରକାରର ପ୍ରବଞ୍ଚନା, ମାୟାଜାଲରୁ ମନୁଷ୍ୟ ଅଲ୍ଲାଃତାଲାଙ୍କ ଶରଣାପନ୍ନ ହେବା ଦ୍ୱାରା ବର୍ତ୍ତିଯାଇଥାଏ । ଉପାସନାର ସେହି ସ୍ତର ମନୁଷ୍ୟ ପ୍ରାପ୍ତ କରିଥାଏ ଯାହା ମଧ୍ୟରେ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ଉପାସ୍ୟ ପ୍ରବିଷ୍ଟ ହୋଇପାରିବେ ନାହିଁ । ନମାଜ ଓ ଉପସାନାର ଅଧିକାର ସମ୍ପାଦନ କରିବା ସହିତ ଆମମାନଙ୍କୁ ଏକଥା ମଧ୍ୟ ସମ୍ମୁଖରେ ରଖିବା ଉଚିତ୍ ଯେ, ଏକ ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ନମାଜ୍ ହେଉଛି ସମସ୍ତ ଉପାସନାର ସାର । **(ମଲ୍‌ଫୁଜାତ୍, ଭାଗ-7, ପୃ-367, ପ୍ରକାଶନ ବର୍ଷ 1984 ମସିହାରୁ ଉଦ୍ଧୃତ)**

ଅତଏବ୍ ଆମେମାନେ ଯେତେବେଳେ ଉକ୍ତ ମର୍ମକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିବୁ ସେତେବେଳେ ଆମେ ନମାଜ୍‌ର, ଉପାସନାର ମଧ୍ୟ କର୍ତ୍ତବ୍ୟ ସମ୍ପାଦାନକାରୀ ବ୍ୟକ୍ତି ରୂପେ ବିବେଚିତ ହେବୁ ଓ ଅଲ୍ଲାଃତାଲାଙ୍କର ସାମୀପ୍ୟତା ତଥା ସାନ୍ନିଧ ଲାଭକାରୀ ବ୍ୟକ୍ତିରେ ପରିଣତ ହେବୁ ଏବଂ ନିଜର ଆତ୍ମା ତଥା ଶରୀର ଉପରେ ମଧ୍ୟ ଏକ ବିପ୍ଳବ ସୃଷ୍ଟିକାରୀ ବ୍ୟକ୍ତିରେ ପରିଗଣିତ ହେବୁ । ପ୍ରକାଶ୍ୟଗତ ନମାଜ ପାଠ କରିବା ଦ୍ୱାରା କୌଣସ ସୁଫଳ ମିଳି ନଥାଏ । ଏଭଳି ଅନେକ ନମାଜ ପାଠକାରୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ମସ୍‌ଜିଦ୍‌ରେ ଯାଇ ନମାଜ ପଢନ୍ତି ଏବଂ ପୁନଶ୍ଚ ଅପରମୁହୂର୍ତ୍ତରେ ଘରକୁ ଫେରି ସେମାନେ ଅନ୍ୟାୟ ଓ ଅତ୍ୟାଚାରର ଚରମ ସୀମା ଲଂଘନ କରି ଅନୈତିକ କାର୍ଯ୍ୟରେ ଲିପ୍ତ ରୁହନ୍ତି । ଏହି ସନ୍ତ୍ରାସବାଦୀ, ଚରମପନ୍ଥୀ ଗୋଷ୍ଠୀମାନେ, ନାମକୁ ମାତ୍ର ମୁଲ୍ଲାମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ନାମକୁ ଆଳ କରି କେତେ ଯେ ଅନ୍ୟାୟ ଓ ଅତ୍ୟାଚାର କରୁଛନ୍ତି ତାହାର ସୀମା ନାହିଁ । ସେହି ଲୋକମାନେ ସଂସାରର ଶାନ୍ତିକୁ ଧୂଳିସାତ୍ କରିଦେଇଛନ୍ତି । ଏମାନେ ହେଉଛନ୍ତି ସେହି ସାଂସାରିକ ଲୋକମାନଙ୍କ ଠାରୁ ଅଧିକ ଅତ୍ୟାଚାରୀ ଏବଂ ଏମାନେ ସାଂସାରିକ ଅଭିପ୍ରାୟ ପ୍ରାପ୍ତ ନିମନ୍ତେ ଅତ୍ୟାଚାର କରିଛନ୍ତି । କିନ୍ତୁ ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ ଏବଂ ସମଗ୍ର ଜଗତ ନିମନ୍ତେ ଦୟା ଓ କରୁଣାର ସାକ୍ଷାତ୍ ପ୍ରତିମୂର୍ତ୍ତି ହ. ମୁମହମ୍ମଦ ସ.ଅଙ୍କ ନାମରେ ଅତ୍ୟାଚାର କରୁଛନ୍ତି । ସୁତରାଂ ସେମାନଙ୍କର ଅନାଦର୍ଶ ଜଣେ ଅହେମଦିକୁ ଇସଲାମୀୟ ଶିକ୍ଷାର ସର୍ବୋଚ୍ଚ ଉଦାହରଣକୁ ସ୍ଥାପନକାରୀ ବ୍ୟକ୍ତି ହୋଇଯାଉ। ଆମମାନଙ୍କର ନମାଜ ଓ ଆମମାନଙ୍କର ଉପାସନା ତଥା ଆମମାନଙ୍କର ପ୍ରାର୍ଥନା ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତକାରୀ ବ୍ୟକ୍ତି ବୋଲି ହେବା ଉଚିତ୍ । ଯଦି ଆମେମାନେ ଏହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିନେଲୁ ତେବେ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ର କର୍ତ୍ତବ୍ୟ ମଧ୍ୟ ସମ୍ପାଦନ କରିଦେଲୁ ଓ ରମଜାନ ମାସର କଲ୍ୟାଣରୁ ମଧ୍ୟ ଉପକୃତ ହେଲୁ ।

ଆମମାନଙ୍କର ନମାଜ କେଉଁ ପ୍ରକାରର ହେବା ଉଚିତ ? ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ମନେରଖ ! ନମାଜ ହେଉଛି ସେହି ପ୍ରସଙ୍ଗ ଯହିଁରୁ ସମସ୍ତ ସମସ୍ୟାର ସମାଧାନ ଅତି ସହଜରେ ହୋଇଯାଇଥାଏ ଏବଂ ସମସ୍ତ ବିପଦ ଆପଦ ଦୂରୀଭୂତ ମଧ୍ୟ ହୋଇଥାଏ । କିନ୍ତୁ ନମାଜ କହିଲେ ସେହି ନମାଜ ବୁଝାଏ ନାହିଁ ଯାହାକୁ ସାଧାରଣ ଲୋକମାନେ କେବଳ ପାରମ୍ପାରିକ ରୂପେ ପାଠ କରିଥାଆନ୍ତି । ବରଂ ନମାଜ୍‌ରୁ ଯଥାର୍ଥ ଏହିକି ଯେ, ମନୁଷ୍ୟର ହୃଦୟ ଦ୍ରବୀଭୂତ ହୋଇ ଏକେଶ୍ୱରବାଦଙ୍କ ଆସ୍ଥାନରେ ପଡ଼ି ଯାଇ ନିଜକୁ ତାହାଙ୍କ ପ୍ରେମରେ ହଜାଇ ଦେଇଥାଏ । ପୁନଶ୍ଚ ନମାଜର ସୁରକ୍ଷା ଏଇଥିପାଇଁ କରାଯାଇ ନଥାଏ ଯେ, ପ୍ରଭୁଙ୍କ ଭକ୍ତର ନମାଜର ଆବଶ୍ୟକତା ରହିଛି । ଅର୍ଥାତ ଆମେମାନେ ଯେଉଁ ନମାଜ ପାଠ କରୁଛେ ଓ ତା'ର ସୁରକ୍ଷା କରୁଛେ ତାହା ଏଥି ନିମନ୍ତେ ନୁହେଁ ଯେ, ପ୍ରଭୁଙ୍କୁ ଆମମାନଙ୍କ ଉପାସନାର ଆବଶ୍ୟକତା ରହିଛି ।

ଅଲ୍ଲାଃତାଲାଙ୍କୁ ଆମମାନଙ୍କ ନମାଜର କୌଣସି ଆବଶ୍ୟକତା ନାହିଁ । ସେ ତ' ସମଗ୍ର ସଂସାର ଠାରୁ ମୁକ୍ତ ଅଟନ୍ତି । ତାହାଙ୍କୁ କୌଣସି ବସ୍ତୁ କିମ୍ବା ବ୍ୟକ୍ତିର ଆବଶ୍ୟକତା ନାହିଁ । ବରଂ ଏହାର ଅର୍ଥ ଏହିକି ଯେ, ମନୁଷ୍ୟକୁ ଆବଶ୍ୟକତା ରହିଛି । ଆଉ ଏକ ରହସ୍ୟଭିତ୍ତିକ କଥା ଏହିକିଯେ, ମନୁଷ୍ୟ ସ୍ୱୟଂ ନିଜର ମଙ୍ଗଳ କାମନା କରିଥାଏ । ଏହା ହିଁ ପରମ ସତ୍ୟ । ସେହି ହେତୁ ସେ ନିଜର ମଙ୍ଗଳ କାମନା ନିମନ୍ତେ ପ୍ରଭୁଙ୍କ ଠାରୁ ସାହାଯ୍ୟ ଲୋଡ଼ିଥାଏ । କାରଣ ଏହା ହିଁ ସତ୍ୟ ଯେ, ମନୁଷ୍ୟ ପ୍ରଭୁଙ୍କ ସହିତ ସଂପର୍କ ସ୍ଥାପନ କରିନେବା ବାସ୍ତବପକ୍ଷେ ପୁଣ୍ୟ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଅର୍ଜନ କରିବା ଅଟେ । ଏଭଳି ବ୍ୟକ୍ତିର ଯଦି ସଂପୂର୍ଣ୍ଣ ସଂସାର ଶତ୍ରୁ ହୋଇଯାଏ ଓ ତା'କୁ ଶେଷ କରିଦେବାକୁ ଆପ୍ରାଣ ଉଦ୍ୟମ କରେ ତେବେ ଶତ୍ରୁ ଉକ୍ତ ବ୍ୟକ୍ତିର କୌଣସି କ୍ଷତି ଘଟାଇ ପାରିବ ନାହିଁ । ଅତଏବ୍ ଏହିପରି ବ୍ୟକ୍ତି ନିମନ୍ତେ ଯଦି ଲକ୍ଷାଧିକ ଏବଂ ଉର୍ଦ୍ଧ୍ୱକୋଟି ବ୍ୟକ୍ତିଙ୍କୁ ସମାପ୍ତ କରିବାକୁ ପଡ଼େ ତେବେ ମଧ ପ୍ରଭୁ ସମାପ୍ତ କିରଦେବେ । କାରଣ ସେ ପ୍ରଭୁଙ୍କର ପରମ ଭକ୍ତ ଅଟେ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମନେରଖ ! ନମାଜ ହେଉଛି ଏଭଳି ଏକ ବସ୍ତୁ କି ଏହା ଦ୍ୱାରା ସଂସାର ସୁଧୁରି (ଶୃଙ୍ଖଳିତ) ଯାଇଥାଏ ଏବଂ ଧର୍ମ ମଧ ଶୃଙ୍ଖଳିତ ହୋଇ ଯାଇଥାଏ । ମନୁଷ୍ୟ ଯଦି ଅଲ୍ଲାଃତାଲାଙ୍କ ସକାଶେ ନମାଜ ପଢୁଛି ତେବେ ତା'କୁ ଉଭୟ ବସ୍ତୁ (ଧର୍ମ ଓ ସଂସାର) ପ୍ରାପ୍ତ ହୋଇଥାଏ । ପ୍ରକୃତରେ ପ୍ରଭୁଙ୍କ ଅଧିକାର ସମ୍ପାଦନ କରିବା ସହିତ ଯଦି ନମାଜ ପାଠ କରାଯାଏ ତେବେ ଉଭୟ ଧର୍ମ ସଂସାର ବ୍ୟକ୍ତି ପ୍ରାପ୍ତ ହୋଇଥାଏ । କିନ୍ତୁ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ନମାଜ ତ' ପଢନ୍ତି ଅଥଚ ନମାଜ ସେମାନଙ୍କ ଉପରେ ଅଭିଶାପ ପକାଇଥାଏ । "

**(ମଲ୍‌ଫୁଜାତ୍, ଭାଗ-10, ପୃ-66, ପ୍ରକାଶନ ବର୍ଷ-1984 ମସିହା)**

ଅଲ୍ଲାଃତାଲା ଆମମାନଙ୍କୁ ନମାଜ୍‌ର ସଠିକ୍ ରୂପେ ଦାୟିତ୍ୱ ନିର୍ବାହ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମର ନମାଜ କେବେ ବି ଏପରି ନହେଉ ଯାହା ପ୍ରଭୁଙ୍କୁ ଅସନ୍ତୁଷ୍ଟ ଏବଂ ରୁଷ୍ଟ କରିଦେବ । ଆମେମାନେ ଅଲ୍ଲାଃତାଲାଙ୍କ ପୁରସ୍କାରରର ପ୍ରକୃତ ଅଧିକାରୀ ରୂପେ ପରିଗଣିତ ହେବୁ । ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରି ସେହି ପ୍ରତିଶୃତିରୁ ଅଂଶ ଗ୍ରହଣକାରୀ ରୂପେ ବିବେଚିତ ହେବୁ ଯେଉଁ ପ୍ରତିଶୃତି ଅଲ୍ଲାଃତାଲା ହ.ମସିହ୍ ମଉଦ୍ ଅ.ସ ସହିତ କରିଛନ୍ତି । ଆମେମାନେ ନିଜର ବଂଶଧରମାନଙ୍କୁ ମଧ ଏପରି ଉପାସନାର ଅଭ୍ୟାସକାରୀ ବ୍ୟକ୍ତିରେ ପରିଣତ କରାଇବାକୁ ସକ୍ଷମ ହେଉ ଯାହା ସେମାନଙ୍କର ଆଗାମୀ ବଂଶଧରମାନଙ୍କର ସ୍ଥାୟୀତ୍ୱତାର ଜାମିନ ହୋଇଯିବ ।

ପୁନଶ୍ଚ ଯେପରିକି ଆପଣ ଅ.ସ କୁହନ୍ତି: ଯେତେବେଳେ ଏପରି ହେବ ସେତେବେଳେ ସଂସାରର କୌଣସି ମାୟା ଏବଂ ଇନ୍ଦ୍ର ଜାଲ, ସୈତାନର କୌଣସି ଆକ୍ରମଣ କ୍ଷତି ଘଟାଇ ପାରିବ ନାହିଁ । ସଂସାର ଆମର ଯେତେ କ୍ଷତି ଘଟାଇବାକୁ ଚାହିଁଲେ ମଧ କ୍ଷତି ଘଟାଇ ପାରିବ ନାହିଁ । ବରଂ ଯେପରିକି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲା ନିଜ ଭକ୍ତ ସକାଶେ ଲକ୍ଷ ଲକ୍ଷ ଏବଂ କୋଟି କୋଟି ଲୋକମାନଙ୍କର ବିନାଶ ଘଟାଇ ପାରନ୍ତି । ଅତଏବ୍ ଅଲ୍ଲାଃତାଲାଙ୍କର ପ୍ରେମ ଓ ତାହାଙ୍କର ପ୍ରସନ୍ନତା ତଥା ତାହାଙ୍କର ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ଆମମାନଙ୍କୁ ନିଜର ଉପାସନାର ସ୍ତରକୁ ଅଧିକ ଉଚ୍ଚତର କରିବାକୁ ହେବ । ସାଂପ୍ରତିକ ଯୁଗରେ ଦଜ୍ଜାଲ୍ (ମାୟାବୀ, ପ୍ରବଞ୍ଚକ)ର ସର୍ବନାଶ ଅବଶ୍ୟାମ୍ଭୀ । କାରଣ ଅଲ୍ଲାଃତାଲାଙ୍କର ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଏହି ପ୍ରତିଶୃତି ରହିଛି ।

ଏହା ଆମମାନଙ୍କର ସୌଭାଗ୍ୟ ହେବ ଯେ, ଆମେମାନେ ବି ଉପାସନାର ସ୍ତରକୁ ଉଚ୍ଚତର କରିବା ସଙ୍ଗେସଙ୍ଗେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବୁ ଯେଁଉମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ରେ ନିଜକୁ ଅନ୍ତର୍ଭୁକ୍ତ କରନ୍ତି । ହେବାର ପ୍ରକୃତ କର୍ତ୍ତବ୍ୟ ସମ୍ପଦାନକାରୀ ବ୍ୟକ୍ତି ଅଟନ୍ତି । ଉକ୍ତ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ହ. ମସିହ୍ ମଉଦ୍ ଅ.ସ ଏକ ପଥ୍ୟ ବିଷୟରେ କହିଛନ୍ତି ଏବଂ ସେହି ପଥ୍ୟ ହେଉଛି ବିଳାପ ଏବଂ ବିନୀତତା କରିବା । ଏ ପ୍ରସଙ୍ଗରେ ମଧ ଆପଣ ଅ.ସ ବର୍ଣ୍ଣନା କରିଛନ୍ତି ତଥା ଉକ୍ତ ମର୍ଯ୍ୟାଦା ପ୍ରାପ୍ତ କରିବା ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, "ତୁମ ପକ୍ଷେ ଏହା ଉଚିତ ହେବ ଯେ, ତୁମେ ଦିବାରାତ୍ର ଏଭଳି କୌଣସି ମୁହୂର୍ତ୍ତରେ ତୁମେମାନେ ଦୁଆ କରିବାକୁ ହାତଛଡ଼ା କର ନାହିଁ । "

**(ମଲ୍‌ଫୁଜାତ୍, ଭାଗ-10, ପୃ-67, ପ୍ରକାଶନ ବର୍ଷ-1984)**

ଅତଃ ଯେତେବେଳେ ଏହି ଅବସ୍ଥା ସୃଷ୍ଟି ହେବ ସେତେବେଳେ ଆମେମାନେ ଅଲ୍ଲାଃତାଲାଙ୍କ କୃପାର ଅଧିକାରୀ ହୋଇପାରିବୁ । ସୈତାନ୍‌ର ପ୍ରତ୍ୟେକ ଆକ୍ରମଣ ଓ ମାୟା ତଥା ଇନ୍ଦ୍ରଜାଲ ପଣ୍ଡ ଏବଂ ଅକୃତକାର୍ଯ୍ୟ ହେବ ଅଲ୍ଲଃତାଲା ଏଥିନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ଆମେମାନେ ନିଜର ଜୀବନ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ଶିକ୍ଷା ଉପରେ ପରିଚାଳିତ ହୋଇ ହ. ମସିହ୍ ମଉଦ୍ ଅ.ସଙ୍କର ଇଚ୍ଛାନୁଯାୟୀ ଅତିବାହିତକାରୀ ହୋଇ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ଆମର ଅଭିପ୍ରାୟ ହେବା ଉଚିତ୍ । ଆମେମାନେ ସେହି ଅଙ୍ଗୀକାରକାରୀ ହେବୁ ଯେ, ଆମେମାନେ ସେତେବେଳ ପର୍ଯ୍ୟନ୍ତ ଶାନ୍ତିରେ ବସିବୁ ନାହିଁ ଯେପର୍ଯ୍ୟନ୍ତ ଆମେମାନେ ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିଦେଇ ନାହୁଁ ଯେ, ଆମମାନେ ନିଜର ଅବସ୍ଥାକୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଅନୁଯାୟୀ ଗଢିବାକୁ ସକ୍ଷମ ହୋଇପାରିବୁ । ଆମେମାନେ କେବେ ବି ନିଜ ମଧ୍ୟରେ ଓ ନିଜ ସନ୍ତାନ ସନ୍ତତିମାନଙ୍କ ମଧ୍ୟରେ ସୈତାନକୁ ପ୍ରବେଶ କରିବାକୁ ଦେବୁ ନାହିଁ । ଏଥି ନିମନ୍ତେ ଆମମାନଙ୍କୁ ପ୍ରତ୍ୟେକ ସେହି ପ୍ରୟାସ କରିବୁ ଯାହାର ଶିକ୍ଷା ଆମମାନଙ୍କୁ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ସ.ଅ ଦେଇଛନ୍ତି । ବରଂ ସଂସାରକୁ ମଧ ସୈତାନ୍ ଓ ଦଜ୍ଜାଲ୍ (ମାୟାବୀ, ପ୍ରବଞ୍ଚକ) ଠାରୁ ପବିତ୍ର କରିବା ପାଇଁ ଭରପୁର ଉଦ୍ୟମ କରିବୁ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପାକିସ୍ତାନର ଅହେମଦିମାନଙ୍କ ପାଇଁ ମଧ ପ୍ରାର୍ଥନା କରନ୍ତୁ, ଅଲ୍ଲାଃତାଲା ସେମାନଙ୍କୁ ଉପଦ୍ରବକାରୀ ଓ ବିରୋଧୀମାନଙ୍କ ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ। ସେମାନଙ୍କର ଉପଦ୍ରବ ସେମାନଙ୍କ ଉପରେ ହିଁ ଲେଉଟାଇ ଦିଅନ୍ତୁ । ସ୍ୱୟଂ ପାକିସ୍ତାନରେ ବାସ କରୁଥିବା ଅହେମଦିମାନେ ମଧ ନିଜ ପାଇଁ ବିଶେଷ ପ୍ରାର୍ଥନା ଓ ବିନୀତତା କରନ୍ତୁ । ତିନି ଚାରି ଦିନ ଅବା ସପ୍ତାହେ ଦୁଆ କରିଦେଲେ ଚଳିବ ନାହିଁ। ବରଂ ସର୍ବଦା ଦୁଆ କରୁଥାଆନ୍ତୁ ନିଜ ଜୀବନକୁ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ପରିଚାଳିତ କରିବା ଓ କାର୍ଯ୍ୟକାରୀ କରିବାର ଶପଥ ନିଅନ୍ତୁ ।

ବୁର୍କିନାଫାସୋ, ବାଂଲାଦେଶ, ଉପଦ୍ୱୀପ ଓ ସଂସାରର ପ୍ରତ୍ୟେକ ଦେଶର ଅହେମଦିମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ଶତ୍ରୁର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବା ନିମନ୍ତେ, ଦୁଆ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ପୁନଶ୍ଚ ସେହି ଦୁଆଗୁଡ଼ିକୁ ସ୍ୱୀକାର ମଧ କରନ୍ତୁ । **ଆମିନ୍** । ☆ ☆ ☆

## (ଖୁତ୍‌ବା ଜୁମା)

ଆମେମାନେ ତ' ଅଲ୍ଲାଃତାଲାଙ୍କ ତରଫରୁ ଧୈର୍ଯ୍ୟ ପାଇଁ ନିଯୁକ୍ତ ହୋଇଛୁ ।
ଆମ୍ଭିଆମାନଙ୍କ ସଂପ୍ରଦାୟର କାର୍ଯ୍ୟ ଧୈର୍ଯ୍ୟ ଏବଂ ଆଇନର ଆଜ୍ଞା ପାଳନ କରିବା ଅଟେ ।
ହଜରତ ମସିହ୍ ମଉଦ୍ ଅ.ସ ତ' ଅଗଣିତ ସ୍ଥାନରେ ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କୁ ଧୈର୍ଯ୍ୟ ପ୍ରଦର୍ଶନ କରିବା ଏବଂ ଦୁଆ କରିବା ନିମନ୍ତେ ଅନୁପ୍ରାଣିତ କରିଛନ୍ତି ଏବଂ ସ୍ପଷ୍ଟ ଭାବରେ କୁହିଛନ୍ତି ।
ଯେ ଯେଉଁମାନଙ୍କର ପାଦ ସୂକ୍ଷ୍ମ ଓ ସମ୍ବେଦନଶୀଳ ଏବଂ ମୋ ସହିତ ଏହି ତୀକ୍ଷ୍ଣ ଏବଂ ପଥୁରିଆ ରାସ୍ତାରେ ଚାଲି ପାରିବେ ନାହିଁ, ସେମାନେ ନିଃଶଙ୍କୋଚ ଭାବରେ ମୋତେ ପରିତ୍ୟାଗ କରିଦିଅନ୍ତୁ ।
ଏହି ଧୈର୍ଯ୍ୟ ଯୋଗୁଁ ହିଁ ସମଗ୍ର ସଂସାରରେ ଜମାଅତ୍‌ର ଏକତା ସ୍ଥାପନ ସମ୍ଭବପର ହୋଇପାରିଛି ।
ଆମେ ସେହି ଯୁଗାବତାରଙ୍କୁ ଗ୍ରହଣ କରିଛୁ ଯିଏ ଆମକୁ ଶାନ୍ତି ବଜାୟ ରଖିବା ନିମନ୍ତେ ଏବଂ ଅଲ୍ଲାଃତାଲାଙ୍କର ଆଶୀର୍ବାଦ ଏବଂ କୃପାର ଅଧିକାରୀ ହେବା ନିମନ୍ତେ ଆମମାନଙ୍କୁ ଏହି ଶିକ୍ଷା ଦେଇଛନ୍ତି ଯେ, ତୁମକୁ ଧୈର୍ଯ୍ୟବାନ ହେବାକୁ ପଡ଼ିବ ।
ଅବତାରମାନଙ୍କ ଜମାଅତ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ତଥା ସର୍ବାଦୌ କର୍ତ୍ତବ୍ୟ ମଧ୍ୟରୁ ମୁଖ୍ୟ କର୍ତ୍ତବ୍ୟ ହେଲା ଧୈର୍ଯ୍ୟ, ଏହାକୁ ବାଦ୍ ଦେଲେ କୌଣସି ଜମାଅତ୍ ଅଗ୍ରଗତି କରିପାରିବ ନାହିଁ ଏବଂ ନା ହିଁ ସଂସାରକୁ ନିଜ ପଛରେ ଚାଲିବାକୁ ବାଧ କରିପାରିବ ।
ସାର୍ବକାଳୀନ ଧୈର୍ଯ୍ୟର ସହିତ ନିଜର ଆଭ୍ୟନ୍ତରୀଣକୁ ନିର୍ମଳ କରିବା ହିଁ ପ୍ରକୃତ ଧୈର୍ଯ୍ୟ ଅଟେ । ଯେଉଁମାନେ ଏହିପରି ବ୍ୟକ୍ତି ଅଟନ୍ତି ତେବେ ଅଲ୍ଲାଃତାଲା ସେମାନଙ୍କୁ ଏପରି ସ୍ଥାନରୁ ସାହାଯ୍ୟ କରନ୍ତି ଯାହାର କଳ୍ପନା ମଧ କରାଯାଇପାରିବ ନାହିଁ ।
ଏକଥା ସର୍ବଦା ମନେ ରଖିବା ଉଚିତ୍ ଯେ, ଧୈର୍ଯ୍ୟ କୌଣସି ଦୁର୍ବଳତା ହେତୁ ହେବା ଉଚିତ୍ ନୁହେଁ, କୌଣସି ସାଂସାରିକ ଭୟ ହେତୁ ନହେଉ

ବରଂ କେବଳ ଓ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଚାହୁଁଛ, ତେବେ ତାହା ହେଉଛି ପ୍ରକୃତ ଧୈର୍ଯ୍ୟ ଯାହାକି ଅଲ୍ଲାଃଙ୍କ ଆଶୀର୍ବାଦ ତଥା ତାହାଙ୍କ କୃପାକୁ ଆକର୍ଷିତ କରିଥାଏ ।

ଅବତାର ଓ ଅବତାରମାନଙ୍କ ସଂପ୍ରଦାୟର ଏହି ପରମ୍ପରା ରହିଛି ଯେ, ସେମାନେ ଧୈର୍ଯ୍ୟ ଓ ଦୁଆକୁ ବିନିଯୋଗ କରିଥାଆନ୍ତି ।

ଯେପରିକି ଅଲ୍ଲାଃତାଲାଙ୍କ ମଧ୍ୟ ଆଦେଶ ରହିଛି, ତାହାଙ୍କ ବାର୍ତ୍ତାବହଙ୍କର ମଧ୍ୟ ଆଦେଶ ରହିଛି, ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ମଧ୍ୟ ଏହି ଶିକ୍ଷା ଦେଇଛନ୍ତି ।

ଆମମାନଙ୍କୁ ସର୍ବଦା ଉକ୍ତ କଥାକୁ ମନେରଖିବା ଉଚିତ୍ ଯେ ଆମେମାନେ ସମ୍ପ୍ରଦାୟର ବ୍ୟାପକ ହିତ ସକାଶେ ସାମୟିକ ଓ ଛୋଟ କଷ୍ଟକୁ ଧୈର୍ଯ୍ୟର ସହିତ ସହ୍ୟ କରିବୁ ।

"ମୁଁ ଆପଣମାନଙ୍କୁ ସତ ସତ କହୁଛି ଯେ, ତୁମେମାନେ ଧୈର୍ଯ୍ୟକୁ ହାତଛଡ଼ା କର ନାହିଁ । ଧୈର୍ଯ୍ୟ ଏଭଳି ଏକ ଅସ୍ତ୍ର ଯେ, ତୋପଗୁଡ଼ିକ ଯେଉଁ କାର୍ଯ୍ୟ ସାଧନ କରିପାରିବେ ନାହିଁ କିନ୍ତୁ ଧୈର୍ଯ୍ୟ ତାହା ସମ୍ପାଦନ କରିପାରିବ ।

ଧୈର୍ଯ୍ୟ ହିଁ ଏକମାତ୍ର ବସ୍ତୁ ଯାହା ହୃଦୟକୁ ଜୟ କରି ନେଇଥାଏ । (ହ. ମସିହ୍ ମଉଦ୍)

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ଆଦେଶାବଳୀ ପ୍ରକାଶରେ ଦୁଃଖ ଓ କଷ୍ଟବେଳେ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଉପଦେଶ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା**
**28 April 2023 ମସିହା ଅନୁଯାୟୀ ୨୮ ଶାହାଦତ୍ / ୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; ଅନେକ ଲୋକ ମୋତେ ଆବେଗପୂର୍ଣ୍ଣ ପ୍ରାମାଣ୍ୟ ସହିତ ପତ୍ର ଲେଖିଥାଆନ୍ତି ଯେ, ପାକିସ୍ତାନ ଅବା ଅନ୍ୟ ଯେକୌଣସି ସ୍ଥାନରେ ଜମାଅତ୍‌ର ଶୋଚନୀୟ ତଥା ଦୂରାବସ୍ଥା ପ୍ରସଙ୍ଗରେ ଆମମାନଙ୍କୁ ଧୈର୍ଯ୍ୟ ରକ୍ଷା କରିବା ପରିବର୍ତ୍ତେ କିଛି ପ୍ରତିକ୍ରିୟା ମଧ୍ୟ ଦେବା ଉଚିତ୍। ବାସ୍ ବର୍ତ୍ତମାନ ବହୁତ ଧୈର୍ଯ୍ୟ ହୋଇଗଲା । ପୁନଶ୍ଚ ସେମାନେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଉଦାହରଣ ମଧ୍ୟ ଦେଇଥାନ୍ତି ଯେ, ଆପଣ ର.ଅଙ୍କ ସମୟରେ ଜମାଅତ୍ ଏହିପରି ପ୍ରତିକ୍ରିୟା ପ୍ରଦର୍ଶନ କରିଥିଲା ଓ ଆଉ କେତେକ ସ୍ଥାନରେ ଆପଣ ର.ଅ ପ୍ରତିକ୍ରିୟା ଦେବା ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି । ଏଭଳି କେତେକ ଘଟଣା ସାମ୍ନାକୁ ଆସିଛି, କେହି ପଢିଥିବେ ଅବଶ୍ୟ । କିନ୍ତୁ ସେମାନ ଭୁଲ୍ ବୁଝିଛନ୍ତି । ହଁ ଏକଥା ସତ ଯେ, ଆପଣ ର.ଅ ଆଇନ୍‌ର ପରିସର ମଧ୍ୟରେ ରହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ କିନ୍ତୁ କିଛି ନବୁଝି ନ ବିଚାରି ଡ଼ାକରା ଦେଇଥିବା ଲୋକମାନଙ୍କ ପରି ଶୋଭାଯାତ୍ରା ନେଇ ବାହିରିବାର ଆପଣ ର.ଅ କଦାପି ଅନୁମିତ ପ୍ରଦାନ କରି ନାହାନ୍ତି । ପୁନଶ୍ଚ ଯଦିଚ କେଉଁଠି କୌଣସି ବିକ୍ଷୋଭ କୌଣସି ଆକାରରେ ହେଲା ତେବେ ତାହା ଖଲିଫାଙ୍କ ଅନୁମତି କ୍ରମେ ହୋଇଥିଲା । ନା କି ପ୍ରତ୍ୟେକ ଅଫିସର ବ୍ୟକ୍ତିଗତ ରୂପେ ନିଜର ସମର୍ଥକଙ୍କୁ ଏକତ୍ରିତ କରି ବିକ୍ଷୋଭ ପ୍ରଦର୍ଶନ କରି ଦିଅନ୍ତୁ । ସେ ଯାହା ହେଉ ଦେଶ ବିଭାଜନ ପୂର୍ବରୁ ଯେତବେଳେ ଭାରତବର୍ଷ ଉପରେ ଇଂରେଜମାନେ ଶାସନ କରୁଥିଲେ ଓ କେତେକ ଇଂରେଜ ଅଫିସରମାନେ ଓ ଅନ୍ୟ ବିରୋଧୀ ଅଫିସରମାନେ ଅନେକ ଥର ଚେଷ୍ଟା କଲେ ଯେ, ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଭାଷଣକୁ ଉତ୍ତେଜକ ଭାଷଣ କହି କିମ୍ବା ଉତ୍ତେଜକ ଭାଷଣର ରୂପେ ଦେଇ ଆପଣ ର.ଅଙ୍କ ଉପରେ ହସ୍ତ ପ୍ରସାରିତ କରାଯାଉ । କିନ୍ତୁ ପ୍ରତ୍ୟେକ ଥର ସେମାନେ ଅକୃତକାର୍ଯ୍ୟ ରହୁଥିଲେ । କାରଣ ହ. ମୁସ୍‌ଲେହ୍ ମଉଦ୍ ର.ଅ ବିରୋଧୀ ଏବଂ ସରକାରଙ୍କର ଅଫିସରମାନଙ୍କୁ ସେମାନଙ୍କର ଚେହେରା ଦେଖାଇ ସର୍ବଦା ଜମାଅତ୍‌କୁ କହୁଥିଲେ ଯେ, ଅବତରାମାନଙ୍କର କାର୍ଯ୍ୟ ଧୈର୍ଯ୍ୟ ପ୍ରଦର୍ଶନ କରିବା ଏବଂ ଆଇନକୁ ସମ୍ମାନ ଜଣାଇବା ଅଟେ । ଏହାର ସ୍ୱୀକାରୋକ୍ତି ସ୍ୱୟଂ ସେତେବେଳେର ଅଫିସର ଜଣେ କରିଛନ୍ତି । ଭାଷଣ ସମୟରେ ଯେତେବେଳେ ଆମେମାନେ ଏହା ମନୁକରୁଥିଲୁ ଯେ, ଆଜି ଖଲିଫାଙ୍କ ଉପରେ ହାତ ପକାଇବାର ସୁଯୋଗ ମିଳିବ, ବିଦ୍ରୋହ, ଶାନ୍ତି ଭଙ୍ଗ କରିବାର ଦଫା ସବୁ ଲଗାଇ ଆମେ ଆପଣ ର.ଅଙ୍କୁ ଗିରଫ କରିବା ପାଇଁ ଉଦ୍ୟମ କରିବୁ । କିନ୍ତୁ ଭାଷଣ ଯେତେବେଳେ ସମାପ୍ତ ହେଉଥିଲା ସେତେବଳେ ଆପଣ ଅନ୍ୟ ଢଙ୍ଗରେ ଜମାଅତ୍‌କୁ ଉପଦେଶ ଦେଉଥିଲେ ଓ ସେହି କାମ କରିବାରୁ ବାରଣ କରୁଥିଲେ ଯାହା ଆଇନର ପରିସୀମା ମଧ୍ୟରୁ ବହିର୍ଭୂତ ଅଟେ । ପୁନଶ୍ଚ ସେହି ବିରୋଧୀ ଅଫିସରମାନଙ୍କର ସମସ୍ତ ଯୋଜନା ପଣ୍ଡ ହୋଇଯାଉଥିଲା ଏବଂ ସମସ୍ତ ପରିଶ୍ରମ ବୃଥା ହୋଇଯାଉଥିଲା । ଏହା ହେବ ବା କିପରି ? କାରଣ ଆପଣ ର.ଅ ଏପରି କୌଣସି କଥା କରନ୍ତୁ ଯାହା ଇସ୍‌ଲାମୀୟ ଶିକ୍ଷା ବିରୋଧୀ ଅଟେ, ଯାହା ହ. ମସିହ୍ ମଦ୍ ଅ.ସଙ୍କ ଶିକ୍ଷା ବିରୁଦ୍ଧୀୟ ଅଟେ ।

ହ. ମସିହ୍ ମଉଦ୍ ଅ.ସ ଜମାଅତ୍‌କୁ ଅସଂଖ୍ୟ ସ୍ଥାନରେ ଦୁଆ କରିବା ନିମନ୍ତେ ଅନୁପ୍ରାଣିତ କରିଛନ୍ତି ଓ ସ୍ୱଷ୍ଟ ଭାବରେ କହିଛନ୍ତି ଯେ, "ଯେଉଁମାନଙ୍କର ପାଦ ସୂକ୍ଷ୍ମ ଓ ଟଳମଳ ସେମାନେ ମୋ ସହିତ ଏହି ତୀକ୍ଷ୍ଣ କଣ୍ଟକିତ, ପଥୁରିଆ ମାର୍ଗରେ ଚାଲିପାରିବେ ନାହିଁ ଏବଂ ଧୈର୍ଯ୍ୟ ପ୍ରଦର୍ଶନ କରିବାର ସାମର୍ଥ୍ୟ ରଖନ୍ତି ନାହିଁ ତେବେ ସେମାନେ ନିଃଶଙ୍କୋଚ ମୋତେ ପରିତ୍ୟାଗ କରିଦିଅନ୍ତୁ ।"

**(ଅନ୍‌ୱାରୁଲ୍ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଭାଗ-9, ପୃ-23-24ରୁ ଅନୀତ)**

ଅନେକ ରାଜନୈତିକ ବ୍ୟକ୍ତି ବୃନ୍ଦ ଓ ଗଣମାଧ୍ୟମ ବ୍ୟକ୍ତିମାନେ ମୋତେ ପ୍ରଶ୍ନ କରନ୍ତି । ମୁଁ ସେମାନଙ୍କୁ ବହୁବାର ଏହି ଉତ୍ତର ଦେଇଥାଏ ଯେ, ଯେଉଁ ଲୋକମାନେ ଆମମାନଙ୍କୁ କଷ୍ଟ ଦେଉଛନ୍ତି ଏବଂ ଆମ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି । ସେହି ଲୋକମାନଙ୍କ ମଧ୍ୟରୁ ହିଁ ଆମେମାନେ ଆସିଛେ ଓ ଏହି ଅନ୍ୟାୟ ତଥା ଅତ୍ୟାଚାର ସତ୍ତ୍ୱେ ଅଲ୍ଲାଃତାଲାଙ୍କ କୃପାରୁ ସେହି ଲୋକମାନେ ମଧ୍ୟ ଆସୁଛନ୍ତି ଏବଂ କୁହନ୍ତି ଯେ, ଆମର ସ୍ୱଭାବ ଏବଂ ମାନସିକତା ସେହିପରି ଥିଲା ଯେପରି ଏହି ଲୋକମାନଙ୍କର ରହିଛି । ଆମେମାନେ ମଧ୍ୟ ସେମାନଙ୍କ ପରି ପ୍ରତିକ୍ରିୟା ପ୍ରଦର୍ଶନ କରିଥାଉ । କିନ୍ତୁ ଆମେମାନେ ଯୁଗାବତାରଙ୍କୁ ସ୍ୱୀକାର କରିଛେ, ଯିଏ ଶାନ୍ତି ସ୍ଥାପନ କରିବା ଓ ଅଲ୍ଲାଃତାଲାଙ୍କ କୃପାର ଅଧକାରୀ କରିବା ପାଇଁ ଆମମାନଙ୍କୁ ଏହି ଶିକ୍ଷା ପ୍ରଦାନ କରିଛନ୍ତି ଯେ, ତୁମେମାନେ ଧୈର୍ଯ୍ୟ ପ୍ରଦର୍ଶନ କରିବ ।

ହଁ ଆଇନର ପରିସର ମଧ୍ୟରେ ରହି ନିଜର ଅଧିକାରକୁ ପ୍ରାପ୍ତ କରିବା ନିମନ୍ତେ ଯେଉଁ ପ୍ରୟାସ କରିପାରିବ କର । ବେଳେବେଳେ କେତେକ ପ୍ରସଙ୍ଗକୁ ବିନା କୌଣସି ଆଇନ୍‌ର କାର୍ଯ୍ୟାନୁଷ୍ଠାନ ଦ୍ୱାରା ମଧ୍ୟ ଅଲ୍ଲାଃତାଲା ଛାଡ଼ି ଦେବା ନିମନ୍ତେ ତାଗିଦ୍ କରିଛନ୍ତି । କାରଣ ଅଲ୍ଲାଃତାଲାଙ୍କ ଉପରେ ସମସ୍ତ ପ୍ରସଙ୍ଗ ଛାଡ଼ିଦେବା ଦ୍ୱାରା ଅଲ୍ଲାଃତାଲା ସ୍ୱୟଂ ଆମମାନଙ୍କ ସାହଯ୍ୟ ନିମନ୍ତେ ଆଗେଇ ଆସିବେ ଓ ସେ ଆସିଲେ ମଧ୍ୟ । ଅତଏବ ଏହା ସ୍ୱଷ୍ଟ ହେବା ଉଚିତ୍ ଯେ, ଏହା ଅବତାରମାନଙ୍କର ଇତିହାସ ଓ ଏହା ହିଁ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ଶିକ୍ଷା ପ୍ରଦାନ କରିଛନ୍ତି। ଅର୍ଥାତ୍ ଆମେମାନେ ଧୈର୍ଯ୍ୟ ପ୍ରଦର୍ଶନ କରିବା ଉଚିତ୍ । ସେ ଯାହା ହେଉ ଏହି ଉତ୍ତର ଶୁଣି ଲୋକମାନେ ଆଶ୍ଚର୍ଯ୍ୟଚକିତ ମଧ୍ୟ ହୋଇଥାଆନ୍ତି ଏବଂ ପ୍ରଶଂସା ମଧ୍ୟ କରୁଛନ୍ତି । କାରଣ ଏମାନେ ଏହା ହିଁ ଶାନ୍ତିର ସହିତ ଜୀବନ ଯାପନ କରୁଥିବା ଲୋକମାନଙ୍କର ପ୍ରତିକ୍ରିୟା ଅଟେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂପର୍କରେ କଥା କହୁଥିବା ବ୍ୟକ୍ତିମାନଙ୍କ ସକାଶେ ଅତିରିକ୍ତ ତଥା ସ୍ୱଷ୍ଟ ପ୍ରକାଶରେ ମଧ୍ୟ କହିଦେବାକୁ ଚାହାନ୍ତି । ଉକ୍ତ ଖୁତ୍‌ବାରେ ଆପଣ ର.ଅ ଧୈର୍ଯ୍ୟର ଅର୍ଥ ଅତ୍ୟନ୍ତ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ଆଲୋକପାତ କରିଛନ୍ତି ତାହା ନୁହେଁ ବରଂ ଏହା ପରେ ଖୁତ୍‌ବାର ଏକ ପରମ୍ପରାରେ ସର୍ବୋଚ୍ଚ ଚରିତ୍ର ମଧ୍ୟ ଆରମ୍ଭ କଲେ ଓ ତାହାକୁ ମଧ୍ୟ ଧୈର୍ଯ୍ୟର ବିଷୟବସ୍ତୁ ସହିତ ସଂଶ୍ଲୀଷ୍ଟ କରିଛନ୍ତି । ସେ ଯାହେ ହେଉ ସେହି ଖୁତ୍‌ବାରୁ ଉପକୃତ ହୋଇ କେତେକ ପ୍ରସଙ୍ଗ ବର୍ଣ୍ଣନା କରିବି । ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କ ବିଭିନ୍ନ ଅବସରରେ ଯେଉଁ ଆଦେଶାବଳୀ ଦେଇଛନ୍ତି ତାହା ଧୈର୍ଯ୍ୟ ସଂପର୍କିତ ଅଟନ୍ତି । ସେହି ପ୍ରାମାଣ୍ୟଗୁଡ଼ିକୁ ମୁଁ ଉପସ୍ଥାପିତ କରିବି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଧୈର୍ଯ୍ୟକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଉପାଦେୟ ପ୍ରସଙ୍ଗ ବୋଲି ବିବେଚିତ କରିଛନ୍ତି । ଆପଣ ର.ଅ କୁହନ୍ତି: "ଏହା (ଧୈର୍ଯ୍ୟ) ଅବତାରମାନଙ୍କ ସଂପ୍ରଦାୟର ସବୁଠୁ ପ୍ରମୁଖ ଓ ସର୍ବାଦୌ କର୍ତ୍ତବ୍ୟ ଅଟେ । ଏହାକୁ ବାଦ୍‌ଦେଲେ କୌଣସି ଜମାଅତ୍ ଉନ୍ନତି କରିପାରିବ ନାହିଁ ଓ ନା ସଂସାରକୁ ନିଜ ପଛରେ ଚାଲିବା ନିମନ୍ତେ ବାଧ୍ୟ କରିପାରିବ ଏବଂ ଏପରି କୌଣସି ଜମାଅତ୍ ଅତିକ୍ରାନ୍ତ ହୋଇ ନାହିଁ ଯିଏ ଉକ୍ତ କର୍ତ୍ତବ୍ୟକୁ ସମ୍ପାଦନ କରିବା ବ୍ୟତୀତ ସଫଳତାର ମୁଖ ଦର୍ଶନ କରିଥିବ ।"

ଧୈର୍ଯ୍ୟ ଦୁଇ ପ୍ରକାରର ହୋଇଥାଏ । ଆପଣ ର.ଅ ତଫସିର୍‌ରେ ମଧ୍ୟ ଏହା ବ୍ୟଖ୍ୟା କରିଛନ୍ତି । ଆପଣ ର.ଅ ତଫସିର୍‌ର କେତେକ ଆୟାତ୍‌ର ବ୍ୟାଖ୍ୟା କରିବାକୁ ଯାଇ ଏହାକୁ ବର୍ଣ୍ଣନା କରିଛନ୍ତି । ଧୈର୍ଯ୍ୟ କହିଲେ ଏହା ବୁଝାଏ ଯେ, ମନୁଷ୍ୟକୁ କୌଣସି ବ୍ୟକ୍ତି ଦ୍ୱାରା କରିଯାଇଥିବା କ୍ରିୟାର ପ୍ରତିକ୍ରିୟା ଦେବା ନିମନ୍ତେ ବ୍ୟକ୍ତି ନିକଟରେ ସାମର୍ଥ୍ୟ ଥିବ । ସେତେବେଳେ ବ୍ୟକ୍ତି ଧୈର୍ଯ୍ୟ ପ୍ରଦର୍ଶନ କରୁ ଏବଂ ଅନ୍ୟ ପ୍ରକାରର ଧୈର୍ଯ୍ୟ ଏହିକିଯେ, ଯେତେବେଳେ ବ୍ୟକ୍ତିକୁ ମୁକାବିଲା କରିବାର ସାମର୍ଥ୍ୟ ନଥିବ ସେତେବେଳେ ସେ ବାଧ୍ୟ ବଶତଃ ଧୈର୍ଯ୍ୟ ପ୍ରଦର୍ଶନ କରିବ ।

ଶକ୍ତିଶାଳୀ ହୋଇ ମଧ୍ୟ ଧୈର୍ଯ୍ୟ ଏହାକିଯେ, ଉପଦ୍ରବ ଓ ହିଂସାକାରୀଙ୍କର କିମ୍ବା ଅତ୍ୟାଚାର କରୁଥିବା ଅତ୍ୟାଚାରୀଙ୍କୁ ଉତ୍ତର (ପ୍ରତିକ୍ରିୟା ନଦେଖାଇବା) ଦେବା। ବିରୋଧୀମାନେ ଯେପରି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ସେହିପରି ପ୍ରତିକ୍ରିୟା ପ୍ରଦର୍ଶନ ନକରିବା ଓ ଅଲ୍ଲାଃତାଲାଙ୍କ ସକାଶେ ଚୂଡ଼ାନ୍ତ ଧୈର୍ଯ୍ୟ ପ୍ରଦର୍ଶନ କରିବା ଓ ଶକ୍ତି ବା ବଳ ନଥାଇ ମଧ୍ୟ ଧୈର୍ଯ୍ୟ ପ୍ରଦର୍ଶନ କରିବା ଯାହାକି ଆକାଶୀୟ ବିପତ୍ତି ସମୟରେ ଅଲ୍ଲାଃତାଲା ପ୍ରସନ୍ନତା ଉପରେ ସନ୍ତୁଷ୍ଟ ରହିବା ଦ୍ୱାରା ତାହାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା । ସେ ଯାହା ହେଉ ଉର୍ଦ୍ଦୁ ଭାଷାରେ ଧୈର୍ଯ୍ୟ କହିଲେ ଏହା ବୁଝାଯାଏ ଯେ, ନୀରବ ହୋଇଯିବା ହିଁ ଧୈର୍ଯ୍ୟ ଅଟେ । କିନ୍ତୁ ଆରବୀ ଭାଷାରେ ଧୈର୍ଯ୍ୟ ଶବ୍ଦଟି ବ୍ୟାପକ ଅର୍ଥରେ ବ୍ୟବହୃତ ହୋଇଛି । ଯେତେବେଳେ ଆମେମାନେ ଆରବୀ ଅର୍ଥକୁ ଅବଲୋକନ କରୁ ସେତେବେଳେ ଏହାର ସଠିକ୍ ଅର୍ଥ ବୁଝିଥାଉ । ଧୈର୍ଯ୍ୟର ପ୍ରକୃତ ଅର୍ଥ କ'ଣ ଓ କେମିତିକା ଧୈର୍ଯ୍ୟ ଜଣେ ବିଶ୍ୱାସକାରୀକୁ ପ୍ରଦର୍ଶନ କରିବା ଉଚିତ୍ ? ଅଲ୍ଲାଃତାଲା ବିଭିନ୍ନ ସ୍ଥାନରେ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଅନୁପ୍ରାଣିତ କରିଛନ୍ତି । ତେଣୁ ଧୈର୍ଯ୍ୟର ପ୍ରକୃତ ଅର୍ଥ ଏହିକିଯେ, ଅଲ୍ଲାଃତାଲାଙ୍କ ଆଦେଶାବଳୀ ନିଜ ସମ୍ମୁଖରେ ରଖି ଅଭିଧାନରେ ଏହାର ଯେଉଁ ଅର୍ଥ ବର୍ଣ୍ଣିତ ହୋଇଛି ତଦନୁଯାୟୀ ଧୈର୍ଯ୍ୟର ତିନୋଟି ଅର୍ଥ ରହିଛି। **1-** ପାପରୁ ବର୍ତ୍ତିବା ଓ ନିଜର ଆତ୍ମାକୁ ପାପ କର୍ମ କରିବାରୁ ନିବୃତ୍ତ ରଖିବା । **2-** ଧୈର୍ଯ୍ୟର ଦ୍ୱିତୀୟ ଅର୍ଥ ଏହିକିଯେ, ପୁଣ୍ୟ କର୍ମ କରିବାରେ ସର୍ବଦା ଅବିଚଳତା ପ୍ରଦର୍ଶନ କରିବା ଓ **3-** ଧୈର୍ଯ୍ୟର ତୃତୀୟ ଅର୍ଥ ଏହିକିଯେ, ଆର୍ତ୍ତ ଚିତ୍କାର କରିବାରୁ ନିବୃତ୍ତ ରହିବା । ଏହି ଅର୍ଥ ହିଁ ପ୍ରାୟତଃ ଉର୍ଦ୍ଦୁ ଭାଷାରେ ଗ୍ରହଣ କରାଯାଇଛି ।

ସୁତରାଂ ପ୍ରଥମ ଅର୍ଥାନୁଯାୟୀ ଅହରହ ଏବଂ ନିରନ୍ତରତାର ସହିତ ସେହି ମନ୍ଦ କର୍ମର ମୁକାବିଲା କରିବା ମନୁଷ୍ୟର କାର୍ଯ୍ୟ ଯାହାକି ତାହାକୁ ନିଜ ଆଡ଼କୁ ଆକର୍ଷିତ କରିଥାଆନ୍ତି । ପୁନଶ୍ଚ ସେହି ଅପକର୍ମର ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ରହିବା ଯାହା ଭବିଷ୍ୟତରେ ତାହାକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ। ସୁତରାଂ ଧୈର୍ଯ୍ୟ କେବଳ ଏତିକି ଯେ, ଆମେମାନେ ବଡ଼ ଧୈର୍ଯ୍ୟବାନ ବ୍ୟକ୍ତି ଅଟୁ ଓ ହାତ ଉପରେ ହାତ ରଖି ବସିଯିବୁ ତାହା ନୁହେଁ, ବରଂ ନିୟମିତ ମନଯୋଗପୂର୍ବକ ନିଜର ଆଭ୍ୟନ୍ତରୀଣର ପବିତ୍ର କରିବା ହିଁ ପ୍ରକୃତ ଧୈର୍ଯ୍ୟ ଅଟେ। ଯେଉଁମାନେ ଏହିପରି ଲୋକ ଅଟନ୍ତି ପୁନଶ୍ଚ ଅଲ୍ଲାଃତାଲା ସେମାନଙ୍କ ସାହାଯ୍ୟ ନିମନ୍ତେ ଏଭଳି ସ୍ଥାନରୁ ଧାଇଁ ଆସନ୍ତି ଯାହାର କଳନା କରିବା ଦୂରୁହ ବ୍ୟାପାର ଅଟେ । ବିରୋଧୀମାନେ ତ' ଏହା ହିଁ ଚାହାନ୍ତି ଯେ, ଆମେମାନେ ଧୈର୍ଯ୍ୟହରା ହୋଇ ସେମାନଙ୍କ ପରି ଆଚରଣ ପ୍ରଦର୍ଶନ କରିବୁ । କାରଣ ସେମାନେ ନିଜର ଉଦ୍ଦେଶ୍ୟରେ କୃତକାର୍ଯ୍ୟ ହୋଇପାରିବେ । କିନ୍ତୁ ଅଲ୍ଲାଃତାଲା ଆମମାନଙ୍କୁ କୁହନ୍ତି ଯେ, ତୁମେମାନେ ବୁଦ୍ଧିକୁ ବିନିଯୋଗ କରିବ, ନିଜର ଅନ୍ତର୍ମାରେ ଉଣ୍ଡିବ ଯେ, କ'ଣ ତୁମେମାନେ ଯେଉଁ କଥା କହୁଛ ତାହା ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ଅଟେ ଅବା ନୁହେଁ ଓ ତଦନୁଯାୟୀ କାର୍ଯ୍ୟ କରିବା ଉଚିତ୍ ।

ଦ୍ୱିତୀୟ ଅର୍ଥ ଦୃଷ୍ଟିରୁ ଏହାର ସ୍ପଷ୍ଟୀକରଣ ଏହିପରି ହେବ ଯେ, ମନୁଷ୍ୟ ଅବିଚଳତାର ସହିତ ସେହି ପୁଣ୍ୟାବଳୀ ଉପରେ ପ୍ରତିଷ୍ଠିତ ହେଉ ଯାହାକି ତାହାକୁ ପ୍ରାପ୍ତ ହୋଇସାରିଛି ଏବଂ ସେହି ପୁଣ୍ୟାବଳୀର ପ୍ରାପ୍ତି ନିମନ୍ତେ ଉଦ୍ୟମ କରୁ ଯାହା ତା'କୁ ପ୍ରାପ୍ତ ହୋଇ ନାହିଁ । ଏହା ମଧ୍ୟ ଧୈର୍ଯ୍ୟର ଏକ କିସମ ଅଟେ । ବାସ୍ତବ ପକ୍ଷେ ଏହା ମୁନଷ୍ୟକୁ ପ୍ରଭୁଙ୍କ ସମୀପବର୍ତ୍ତୀ ଓ ସାନ୍ନିଧ୍ୟବର୍ତ୍ତୀ କରାଇଥାଏ । ଉକ୍ତ ସାମୀପ୍ୟତାଟି ପ୍ରକାଶ୍ୟଗତ ସାମୀପ୍ୟତ ଅଟେ । ପ୍ରକାଶ୍ୟଗତ ପରିପ୍ରକାଶ ଦୁଆ (ପ୍ରାର୍ଥନା) ଦ୍ୱାରା ପ୍ରାପ୍ତ ହୋଇପାରିବ । ତତ୍‌ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା ଏକ ସ୍ଥଳେ କୁହନ୍ତି ଯେ, وَاسۡتَعِيۡنُوۡا بِالصَّبۡرِ وَالصَّلٰوةِ ؕ وَاِنَّهَا لَكَبِيۡرَةٌ اِلَّا عَلَى الۡخٰشِعِيۡنَ **(ଅଲ୍ ବକ୍‌ରାହ୍: 46)** ଏବଂ ଧୈର୍ଯ୍ୟ ଓ ପ୍ରାର୍ଥନା ମାଧ୍ୟମରେ ଅଲ୍ଲାଃତାଲାଙ୍କର ସାହାଯ୍ୟ ଭିକ୍ଷା କର । କାରଣ ବିନୟୀମାନଙ୍କ ବ୍ୟତୀତ ଅନ୍ୟମାନଙ୍କ ପକ୍ଷରେ ଏବା ବାସ୍ତବିକ କଠିନ କାର୍ଯ୍ୟ ଅଟେ । ତେଣୁ ଯେଉଁମାନେ ଅଲ୍ଲାଃତାଲାଙ୍କର ଭୟ ନିଜ ମନ ଭିତରେ ପୋଷଣ କରନ୍ତି, ବିନୀତତା ପ୍ରଦର୍ଶନ କରନ୍ତି ଓ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତାକୁ ପ୍ରାପ୍ତ କରିବାକୁ ଅଭିଳାଷୀ ଅଟନ୍ତି ସେହିମାନେ ହିଁ ଧୈର୍ଯ୍ୟ ପ୍ରଦର୍ଶନ କରିପାରିବେ ।

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି ଯେ, وَالَّذِيۡنَ صَبَرُوا ابۡتِغَآءَ وَجۡهِ رَبِّهِمۡ وَاَقَامُوا الصَّلٰوةَ وَاَنۡفَقُوۡا مِمَّا رَزَقۡنٰهُمۡ سِرًّا وَّعَلَانِيَةً وَّيَدۡرَءُوۡنَ بِالۡحَسَنَةِ السَّيِّئَةَ اُولٰٓئِكَ لَهُمۡ عُقۡبَى الدَّارِ **(ଅର୍ ରାଆଦ୍: 23)** ଏବଂ ଯେଉଁମାନେ ନିଜ ପାଳନକର୍ତ୍ତାଙ୍କ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ ସଙ୍କଟ ସମୟରେ ଧୈର୍ଯ୍ୟ ଧାରଣ (ପ୍ରଦର୍ଶନ) କରନ୍ତି ଓ ସୁଚାରୁରୂପେ ନମାଜ ପାଠ କରନ୍ତି ଏବଂ ଆମେ ସେମାନଙ୍କୁ ଯାହା କିଛି ଦେଇଅଛୁ ସେଥିରୁ ପ୍ରକାଶ୍ୟରେ ଓ ଗୋପନରେ ଆମ୍ଭ ଉଦ୍ଦେଶ୍ୟରେ ବ୍ୟୟ କରନ୍ତି ଓ ସତ୍‌କର୍ମ ଦ୍ୱାରା ଅସତ୍‌କର୍ମକୁ ଦୂର କରନ୍ତି ସେହିମାନଙ୍କ ପାଇଁ ଏହି ଗୃହ ଉତ୍କୃଷ୍ଟ ପରିଣାମ ସ୍ୱରୂପ ରହିଅଛି । ଉକ୍ତ ଗୃହ, ଉକ୍ତ ନଶ୍ୱର ସଂସାର କ୍ଷଣଭଙ୍ଗୁର ଅଟେ । ଏଠାରେ ତ' ସଂକଟ ଲାଗି ରହିଛି । ଶେଷ ଗୃହ ହେଉଛି ସେହି ଗୃହ ଏବଂ ତାହା ସେହିମାନଙ୍କୁ ହିଁ ପ୍ରାପ୍ତ ହୋଇଥାଏ ଯେଉଁମାନେ ପ୍ରଭୁଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବାକୁ ଇଚ୍ଛା ପ୍ରକାଶ କରନ୍ତି । ଅତଏବ୍ ନିୟମିତ ଧୈର୍ଯ୍ୟମୂଳକ ସ୍ୱଭାବତା, ବିନୀତତା ଓ ଦୁଆ ଦ୍ୱାରା ଅଲ୍ଲାଃତାଲାଙ୍କର ପ୍ରସନ୍ନତା ପ୍ରାପ୍ତ କିରବାର ଅନ୍ୟ ନାମ ଧୈର୍ଯ୍ୟ ଅଟେ । ଏହା ସେତେବେଳେ ହେବେ ଯେତେବେଳେ ଆମେମାନେ ନିଜର ଅବସ୍ଥାକୁ ଅଲ୍ଲାଃତାଲାଙ୍କ ଶିକ୍ଷାନୁଯାୟୀ ନିଜର ଜୀବନକୁ ଗଢି ତୋଳିବା ପାଇଁ ପ୍ରୟାସ କରିବୁ ଏବଂ ନିଜର ଜୀବନକୁ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ଅତିବାହିତ କରିବାକୁ ଉଦ୍ୟମ କରିବୁ ତେବେ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ପ୍ରାପ୍ତି ହିଁ ଆମମାନଙ୍କର ପରମ ଅଭିପ୍ରାୟ ହେବ । ପୁନଶ୍ଚ ଯେପରିକି ପୂର୍ବେ ବର୍ଣ୍ଣିତ ହୋଇଛି ଯେ, ଧୈର୍ଯ୍ୟର ଅନ୍ୟ ଏକ ଅର୍ଥ ହେଲା ଆର୍ତ୍ତ ଚିତ୍କାର ଓ ଆକୁଳ ନିବେଦନ କରିବା । ପ୍ରକାଶ୍ୟଗତ ପରୀକ୍ଷା, ରୋଗ ବୈରାଗ କିମ୍ବା ଅର୍ଥିକ କ୍ଷତି ଘଟିଲେ ତେବେ ବ୍ୟକ୍ତି ବିଚଳିତ ତଥା ଧୈର୍ଯ୍ୟହରା ହୋଇ ନପଡୁ, ନା ମାନ ଅଭିମାନ ଢଙ୍ଗରେ ଚିତ୍କାର, ରୋଦନ, ବିଳାପ ଏବଂ କୋଳାହଳ କରୁ ଯେ, ହେ ପ୍ରଭୁ ! ମୋର ଏ କି ଅନର୍ଥ ହୋଇଗଲା ? ଏହିସବୁ ପ୍ରସଙ୍ଗ ହେଉଛି ଧୈର୍ଯ୍ୟହରାର ଲକ୍ଷଣ ।

ଅଲ୍ଲାଃତାଲାଙ୍କ ଉପରେ ଅଭିମାନ କରିବା ସଂପୂର୍ଣ୍ଣ ରୂପେ ପ୍ରମାଦପୂର୍ଣ୍ଣ ଅଟେ। ସର୍ବଦା ଏହି ମାନସିକତା ରହିବା ଉଚିତ୍ ଯେ, ମୋ ନିକଟରେ ଯାହାକିଛି ରହିଛି ତାହା ଅଲ୍ଲାଃତାଲାଙ୍କ ପକ୍ଷରୁ ପୁରସ୍କାର ସଦୃଶ । ଆଜି ଅଲ୍ଲାଃତାଲା ନେଇ ଯାଇଛନ୍ତି କାଲି ସେ ଆହୁରି ପ୍ରଦାନ କରିବେ । ସୁତରାଂ ଏହି ମାନସିକତା ରଖୁଥିବା ପ୍ରକୃତ ବିଶ୍ୱାସକାରୀମାନେ ଓ ଏହି ଧୈର୍ଯ୍ୟ ପ୍ରଦର୍ଶନକାରୀମୀନେ ଅଲ୍ଲାଃତାଲାୀଙ୍କ ଦୃଷ୍ଟିରେ ପ୍ରକୃତ ଧୈର୍ଯ୍ୟ ପ୍ରଦର୍ଶନକାରୀ ବ୍ୟକ୍ତି ଅଟନ୍ତି ।

ଅତଏବ୍ ଏହି ଧୈର୍ଯ୍ୟର ଏହି ତିନୋଟି ଅର୍ଥ ରହିଛି । କିନ୍ତୁ ସର୍ବଦା ଏହା ସ୍ମରଣ ରଖିବା ଉଚିତ୍ ଯେ, ଧୈର୍ଯ୍ୟ କୌଣସି ଦୁର୍ବଳତା ଯୋଗୁଁ ହେବା ଅନୁଚିତ, କୌଣସି ସାଂସରିକ ଭୟ ଯୋଗୁଁ ନହେଉ । ବରଂ କେବଳ ଓ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ଉଦ୍ଦେଶ୍ୟ ରଖି ହେବା ଉଚିତ୍ । ତେବେଯାଇ ତାହା ପ୍ରକୃତ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

**ନବୀ ସ.ଅଙ୍କ ବାଣୀ**

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya
Kerang, Darul Fazal (Odisha)

ଧୈର୍ଯ୍ୟ ହେବ ଯାହାକି ଅଲ୍ଲାଃତାଲାଙ୍କର କୃପାକୁ ଆକର୍ଷିତ କରିଥାଏ। ଯଦି କୌଣସି ବ୍ୟକ୍ତି ବଡ଼ ଅଫିସରଙ୍କ ସମ୍ମୁଖରେ କିମ୍ବା ସମ୍ରାଟଙ୍କ ସମ୍ମୁଖରେ ତା'ର (ସମ୍ରାଟ ଓ ଅଫିସରର) ଅତ୍ୟାଚାର ଯୋଗୁଁ ନୀରବ ରୁହେ ଏବଂ କହେ କି ଅଲ୍ଲାଃତାଲାଙ୍କ ଆଦେଶ ପାଳନପୂର୍ବକ ଧୈର୍ଯ୍ୟ ପ୍ରଦର୍ଶନ କରୁଛି ତେବେ ଏହା ହେଉଛି ପ୍ରକୃତ ଧୈର୍ଯ୍ୟ । କିନ୍ତୁ ଯଦି ଅଫିସର ଓ ସମ୍ରାଟର ଭୟ ରଖି ଧୈର୍ଯ୍ୟ ପ୍ରଦର୍ଶନ କରେ ତେବେ ଏହା ଭୁଲ ପ୍ରସଙ୍ଗ ଅଟେ । ଆମେମାନେ ଯେଉଁ ଧୈର୍ଯ୍ୟ ପ୍ରଦର୍ଶନ କରିବାକୁ କହୁଛେ ତାହା କେବଳ ଏଇଥିପାଇଁ କରିଥାଉ ଯେ, ଅଲ୍ଲାଃତାଲା ଆମମାନଙ୍କୁ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଆଦେଶ ଦେଇଛନ୍ତି। ଯଦି ପ୍ରତିଶୋଧ ନେବାର ଅଛି ତେବେ ଅନେକ ଅହେମଦି ଉତ୍ସାହ ଦ୍ୱାରା ପରିପୂର୍ଣ୍ଣ ଆଦେଶର ଅପେକ୍ଷା କରି ବସିଛନ୍ତି । ଏହି ଅହେମଦିମାନେ କୁହନ୍ତି ଯେ, ଆମମାନଙ୍କୁ ନିଜ ଜୀବନର କୌଣସି ଚିନ୍ତା ନାହିଁ । ଜୀବନକୁ ଆମେମାନେ ଭ୍ରୂକ୍ଷେପ କରୁ ନାହୁଁ । ଆମେମାନେ ପ୍ରତିଶୋଧ ନେଇ ସେହି ଅତ୍ୟାଚାରୀମାନଙ୍କୁ ସ୍ୱାଦ ଚଖାଇ ଦେଇପାରିବୁ ଓ କରିଦେବୁ ମଧ୍ୟ । କିନ୍ତୁ ଆମେମାନେ ଏପରି କରିବୁ ନାହିଁ । କାରଣ ଆମମାନଙ୍କୁ ଯେଉଁ ଶିକ୍ଷା ପ୍ରଦାନ କରାଯାଇଛି ତାହା କୁରଆନୀୟ ଶିକ୍ଷା ବିରୁଦ୍ଧୀୟ ଅଟେ । ଆମେମାନେ ଏହିପରି ଗତିବିଧି ଓ ଆଚରଣରୁ ବର୍ତ୍ତିବାକୁ ଚେଷ୍ଟା କରିଥାଉ । କାରଣ ଅବତାରମାନଙ୍କ ସଂପ୍ରଦାୟର ଏହା ପନ୍ଥା ନୁହଁ ଓ ଆମେମାନେ ବୈଅତ୍‌ର ଶପଥରେ ସମଗ୍ର ମାନବ ଜାତିକୁ ପ୍ରତ୍ୟେକ ପ୍ରକାରର ଉପଦ୍ରବ ତଥା ହିଂସାରୁ ସୁରକ୍ଷିତ ରଖିବା ନିମନ୍ତେ ଶପଥ କରିଅଛୁ । ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ଦୃଢ ଭାବରେ ଏପରି କୃତ୍ୟ କରିବାରୁ ରୋକିଛନ୍ତି ତଥା ବାରଣ କରିଛନ୍ତି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଧୈର୍ଯ୍ୟ ସଂକ୍ରାନ୍ତରେ ଆଉ ଏକ ସ୍ପଷ୍ଟୀକରଣ ମଧ୍ୟ ପ୍ରଦାନ କରିଛନ୍ତି । ଆପଣ ଅ.ସ କୁହନ୍ତି :"ମନେରଖ ! ଯେ, ତୁମମାନଙ୍କର କର୍ମ ଦ୍ୱାରା ଧୈର୍ଯ୍ୟ ଓ ନିର୍ଲଜତା ମଧ୍ୟରେ ସ୍ପଷ୍ଟ ତାରତମ୍ୟ ଦୃଶ୍ୟମାନେ ହେବା ଉଚିତ୍ । ଉଦାହରଣ ସ୍ୱରୂପ ଯଦି କୌଣସି ବ୍ୟକ୍ତି ନିଜର ଆବଶ୍ୟକତା ନିମନ୍ତେ ଅନ୍ୟ ବ୍ୟକ୍ତି ଠାରୁ କିଛି ଟଙ୍କା ମାଗିବାକୁ ଯାଏ ଓ ଅନ୍ୟ ବ୍ୟକ୍ତି ଜଣକ ତା'କୁ ଅପଶବ୍ଦ କଥା ଓ ନିର୍ଲଜ ବୋଲି ସମ୍ବୋଧିତ କରେ ଓ ତା'କୁ ଅସମ୍ମାନିତ କରେ। ଅପରପାର୍ଶ୍ୱରେ ମାଗିବାକୁ ଯାଇଥିବା ସେହି ବ୍ୟକ୍ତି ଉକ୍ତ ବ୍ୟକ୍ତି କଥା ହସି ଉଡ଼ାଇ ଦିଏ ଏବଂ ଭାବେ ଯେ, ବର୍ତ୍ତମାନ ମୁଁ ଜଣେ ଅଭାବି ବ୍ୟକ୍ତି ଅଟେ ଏବଂ ମୋତେ ଟଙ୍କାର ଆବଶ୍ୟକତା ରହିଛି । ତେଣୁ ମୋତେ ଉକ୍ତ ବ୍ୟକ୍ତି ଗାଳି ଗୁଲଚ ମଧ୍ୟ ଶୁଣିନେବା ଉଚିତ୍ । ତେବେ ଏହା ଲଜ୍ଜାଜନକ ଓ ସ୍ୱାଭୀମାନ ଅଟେ । କିନ୍ତୁ କେବେ କେବେ ଜାତୀୟ ଓ ଧାର୍ମିକ ସ୍ୱାର୍ଥ ସକାଶେ ଧୈର୍ଯ୍ୟ ପ୍ରଦର୍ଶନ ମଧ୍ୟ କରିବାକୁ ପଡ଼ିଥାଏ ଏବଂ ନୀରବ ମଧ୍ୟ ରହିବାକୁ ପଡ଼ିଥାଏ । ଅତଏବ ଏହି ଧୈର୍ଯ୍ୟ ଆତ୍ମିକ ସ୍ୱାର୍ଥ ନିମନ୍ତେ ହୋଇ ନଥାଏ । ତେଣୁ ଏହା ପ୍ରକୃତ ଧୈର୍ଯ୍ୟ ଅଟେ। ତହିଁରେ ଅସ୍ୱାଭିମାନୀତ୍ୱତା ବା ନିର୍ଲଜତା ନଥାଏ । ଉଦାହରଣ ସ୍ୱରୂପ ଏପରି ଏକ ସ୍ଥାନ ଯେଉଁଠି ବ୍ୟକ୍ତି ପ୍ରତିଶୋଧ ନେବା ଯୋଗୁଁ ତା'ର ଜାତି ଉପରେ ମଧ୍ୟ ବିପତ୍ତି ଆସିଥାଏ, ସେଠାରେ ଯଦି ବ୍ୟକ୍ତି ଆକ୍ରମଣ କରେ ଓ ଧୈର୍ଯ୍ୟ ପ୍ରଦର୍ଶନ କରେ ନାହିଁ ତେବେ ତାହାକୁ ମୂର୍ଖ ବୋଲି କୁହାଯିବ । କାରଣ ସେ ଏହିପରି କାର୍ଯ୍ୟ ଅର୍ଥାତ୍ ପ୍ରତିଶୋଧ ନେଇ ନିଜ ଜାତିକୁ କ୍ଷତି ପହଞ୍ଚାଇଥାଏ । ସୁତରାଂ ଯେତେବେଳେ ସେ ନିଜ ଜାତିର ହିତ ସାଧନ ନିମନ୍ତେ ପ୍ରତିଶୋଧ ନ ନିଏ କିମ୍ବା ସଂସାରକୁ କ୍ଷତିରୁ ସୁରକ୍ଷିତ ରଖିବା ନିମନ୍ତେ ଧୈର୍ଯ୍ୟ ପ୍ରଦର୍ଶନ କରେ ତେବେ ତା'ର ଏହି ଧୈର୍ଯ୍ୟ ଧୈର୍ଯ୍ୟ ବୋଲି ବିବେଚିତ ହେବ ।"

ସୁତରାଂ ଆମମାନଙ୍କୁ ଏକଥା ସ୍ମରଣ ରଖିବା ଉଚିତ୍ ଯେ, କେତେକ ବ୍ୟକ୍ତି ଆବେଗପ୍ରବଣ ହୋଇ ଯାଆନ୍ତି । କାରଣ ପୋଲିସ ସେମାନଙ୍କର ଅମକ ବ୍ୟକ୍ତିକୁ ଗିରଫ କରି ନେଇଛି । ତେଣୁ ସମସ୍ତେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରିବା ଉଚିତ୍ ଓ ବିକ୍ଷୋଭ ପ୍ରଦର୍ଶନ କରିବା ଉଚିତ୍ । ଏହି ସମସ୍ତ କଥା ଭୁଲ ଓ ତ୍ରୁଟିପୂର୍ଣ୍ଣ କଥା ଅଟେ । ଶତ୍ରୁ ତ' ଏହା ହିଁ ଚାହିଁଥାଏ ଯେ, ଆମେମାନେ ଏହି ପ୍ରକାରର ପ୍ରତିକ୍ରିୟ ଦେଲେ ସେମାନେ ଆମମାନଙ୍କ ଉପରେ ଆହୁରି ଅଧିକ କଠୋରତା ପ୍ରଦର୍ଶନ କରିବେ । ସେହି ଅଫିସରମାନଙ୍କ ସହିତ ସାକ୍ଷାତ୍ କରି ଯେଉଁମାନେ ପୂର୍ବରୁ ହିଁ ଆମମାନଙ୍କର ଶତ୍ରୁ ଅଟନ୍ତି ଅହେମଦିମାନଙ୍କୁ କାବୁ (ଆୟତ୍ତ) କରନ୍ତୁ । ସେମାନଙ୍କ ବ୍ୟବସ୍ଥା ଉପରେ ଅତିରିକ୍ତ କଟକଣା ଲଗାଇବା ପାଇଁ ଉଦ୍ୟମ କରନ୍ତୁ କିମ୍ବା ସରକାରଙ୍କ ଠାରୁ ଏହି ଦାବି କରନ୍ତୁ (ବିଶେଷ କରି ସରକାରଙ୍କ କେତେକ ଅଫିସରମାନଙ୍କୁ ମଧ୍ୟ ଯେଉଁମାନ ଆମର ବିରୋଧୀ ଅଟନ୍ତି) । ସେତିକିବେଳେ ଯେତବେଳେ ରାଷ୍ଟ୍ରର କେତେକ ଅଫିସରମାନଙ୍କ ପୃଷ୍ଠପୋଷକତା ମଧ୍ୟ କରୁଛନ୍ତି ଏବଂ ପୁନଶ୍ଚ ଏହିପରି ଅବସରରେ କପଟବିଶ୍ୱାସୀମାନେ ମଧ୍ୟ ଲାଭ ଉଠାଇ ଥାଆନ୍ତି । ସେଠାରେ ଏପରି ସ୍ଥଳେ ଏହିପରି ପ୍ରତିକ୍ରିୟା ଯେତେବେଳେ ହେଲା ସେତେବେଳେ ଆମେମାନେ ଦେଖିଛୁ ଯେ, ପରିସ୍ଥିତି ବିଗିଡ଼ିଛି ଏବଂ ବିଗିଡ଼ିବ ମଧ୍ୟ । ଏହି ଅନୁଭବ ମଧ୍ୟ ରହିଛି ଯେ, ଏହିଭଳି ପରିସ୍ଥିତି ବା ଅବସରରେ ଯେତେବେଳେ ଅହେମଦିମାନେ କୌଣସି ପ୍ରତିକ୍ରିୟା ପ୍ରଦର୍ଶନ କଲେ ସେତେବେଳେ ପରିସ୍ଥିତି ଜଟିଳ ଏବଂ ବିଗିଡ଼ିଛି । ଜମାଅତ୍ ଅହେମଦିୟାର ଇତିହାସରେ ଏହିପରି କେତେକ ଘଟଣାବଳୀ ରହିଛି ଯାହାକି ଜମାଅତ୍ ଅହେମଦିୟା ପକ୍ଷେ ଲାଭ ହେବା ପରିବର୍ତ୍ତେ ଜମାଅତ୍‌ର କ୍ଷତି ଘଟିଛି । ଯେତବେଳେ ଧୈର୍ଯ୍ୟ ପ୍ରଦର୍ଶନ କରି ପରିସ୍ଥିତିକୁ ସୁଧାରିବା ନିମନ୍ତେ ଆଇନ ବ୍ୟବସ୍ଥାକୁ ଉତ୍କୃଷ୍ଟ କରିବାକୁ ଉଦ୍ୟମ କରାଗଲା ସେତେବେଳେ ଅନେକ ସ୍ଥାନରେ ଶତପ୍ରତିଶତ ନୁହେଁ ବରଂ କିଞ୍ଚିତ ମାତ୍ରାରେ ଏହାର ଲାଭ ମଧ୍ୟ ହୋଇଛି।

ସେ ଯାହା ହେଉ ଆମେମାନେ ଏହି ସନ୍ଦେଶ ପହଞ୍ଚାଇ ଦେଉଛୁ ଯେ, ଆମେମାନେ ମଧ୍ୟ ସେହି ଜାତି (ସଂପ୍ରଦାୟର)ରୁ ଲୋକ ଅଟୁ ଓ ଭୁଲ୍ ପ୍ରତିକ୍ରିୟା ଆମ ଦ୍ୱାରା ମଧ୍ୟ ସମ୍ପାଦିତ ହୋଇପାରିବ କିମ୍ବା ଆମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଠାରୁ ଏପରି ପ୍ରତିକ୍ରିୟା ଦେଖିବାକୁ ମିଳିପାରେ । କିନ୍ତୁ ଆମେମାନେ ଏପରି କରୁ ନାହୁଁ । ଏହା ଇସ୍‌ଲାମୀୟ ଶିକ୍ଷା ବିରୁଦ୍ଧୀୟ ଓ କ୍ରମଶଃ କେତେକ ଅଫିସରମାନଙ୍କ ଉପରେ ଏହାର ସକାରାତ୍ମକ ପ୍ରତିକ୍ରିୟା ତଥା ସୁପ୍ରଭାବ ମଧ୍ୟ ଦେଖିବାକୁ ମିଳିଥାଏ ଏବଂ ହୋଇଛି ମଧ୍ୟ । ଏପରି କେତେକ କଥା ନଜରକୁ ଆସିଛି ଯେ, ଆମେମାନେ ଯଦି ଗାଳିର ଉତ୍ତର ଗାଳି, ମାଡ଼ର ଉତ୍ତର ମାରା ଧାଡ଼ ଦ୍ୱାରା ଦେବାକୁ ଆରମ୍ଭ କରିଦେଉ ତେବେ ଯେଉଁ ଜେରେ ତବ୍‌ଲିଗ୍ (ତବ୍‌ଲିଗ୍ ଅଧୀନ) ବ୍ୟକ୍ତିମାନେ ଅଛନ୍ତି ସେମାନଙ୍କ ଉପରେ ସୁପ୍ରଭାବ ପକାଇବା ପରିବର୍ତ୍ତେ ଆମେମାନେ କୁପ୍ରଭାବ ପକାଇଥାଉ । ପୁନଶ୍ଚ ସେମାନଙ୍କୁ ଏହା କହିବାର ସୁଯୋଗ ମିଳିବ ଯେ, ହ. ମସିହ୍ ମଉଦ୍ ଅ.ସ ଆସି ଏହି ଅହେମଦିମାନଙ୍କ ମଧ୍ୟରେ କ'ଣଟା ସୁପରିବର୍ତ୍ତନ ସୃଷ୍ଟି କରିଦେଲେ ଯେ ଆମେମାନେ ସେମାନଙ୍କ ମଧ୍ୟରେ (ସହିତ) ଅନ୍ତର୍ଭୁକ୍ତ (ସାମିଲ) ହୋଇଯିବୁ । ବିରୋଧୀମାନଙ୍କର ଆଚରଣ ଅହେମଦିମାନଙ୍କ ପ୍ରତି ଯେପରି ରହିଛି ଠିକ୍ ସେହିପରି ଅହେମଦିମାନଙ୍କର ପ୍ରତିକ୍ରିୟା ମଧ୍ୟ ବିରୋଧୀମାନଙ୍କ ପ୍ରତି ରହିଛି । ଅବତାର ଏବଂ ଅବତାରମାନଙ୍କ ସଂପ୍ରଦାୟର ଏହି ପରମ୍ପରା ରହିଛି ଯେ, ସେମାନେ ଧୈର୍ଯ୍ୟ ଓ ଦୁଆକୁ ବିନିଯୋଗ କରିଥାଆନ୍ତି । ଅର୍ଥାତ୍ ଅବତାରମାନଙ୍କ ସଂପ୍ରଦାୟକୁ ଅଲ୍ଲାଃତାଲା ଯେଉଁ ଆଦେଶ ଦେଇଛନ୍ତି, ଅବତାରମାନେ ନିଜର ସଂପ୍ରଦାୟକୁ ମଧ୍ୟ ଦେଇଛନ୍ତି ଓ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ଆମମାନଙ୍କୁ ଏହି ଶିକ୍ଷା ଅର୍ଥାତ୍ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଉପଦେଶ ଦେଇଛନ୍ତି ।

ସେ ଯାହା ହେଉ ହ. ମୁସ୍‌ଲେହ୍ ମଉଦ୍ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ଉକ୍ତ କଥାକୁ ବର୍ଣ୍ଣନା କରିବାକୁ ଯାଇ କୁହନ୍ତି: "ଲୋକମାନେ କହିପାରିବେ ଯେ, ହ. ମସିହ୍ ମଉଦ୍ ଅ.ସ ମଧ୍ୟ ନିଜର ପୁସ୍ତକମାନଙ୍କରେ କେତେକ କଠୋର ଶବ୍ଦ ପ୍ରୟୋଗ କରିଛନ୍ତି ତେଣୁ ଆମେମାନେ ମଧ୍ୟ ଏହିପରି ଶବ୍ଦ ପ୍ରୟୋଗ କରିପାରିବୁ।" ସୁତରାଂ ଆପଣ ର.ଅ କୁହନ୍ତି: "ଏପରି ଲୋକମାନଙ୍କୁ ସ୍ମରଣ ରଖିବା ଉଚିତ୍ ଯେ, ଅଲ୍ଲାଃତାଲା ଓ ସେମାନଙ୍କ ଅବତାରମାନଙ୍କର ମର୍ଯ୍ୟାଦା ବା ଅବସ୍ଥା ଭିନ୍ନ ହୋଇଥାଏ । ଆମେମାନେ ଯେପରି ସଂସାରଲୋକରେ ଉଦାହରଣମାନ ଅବଲୋକନ କରୁଛେ ଯେ, ଜଣେ ମାଜିଷ୍ଟ୍ରେଟ୍ କିମ୍ବା ବିଚାରକ ଯେକି ଦୋଷୀକୁ ଚୋର ବୋଲି ସମ୍ବୋଧନ କରେ ତେବେ ଏହା ହେଉଛି ଜଜ୍‌ର କାର୍ଯ୍ୟ ଓ ତା'ର ଅଧିକାର । ଏହାକୁ ଆୟୁଦ୍ଧ କରି ସେ ଦୋଷୀ ବା ଚୋରକୁ ଦଣ୍ଡିତ କରିଥାଏ ଏବଂ ଚୋରର ସଂଶୋଧନ କରିବା ନିମନ୍ତେ ଉଦ୍ୟମ କରିଥାଏ।

**ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 9 Thursday 04-11JANUARY 2024 Issue No.-1-2

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

କିନ୍ତୁ ପ୍ରତ୍ୟେକ ବ୍ୟକ୍ତିର ଏହି କାର୍ଯ୍ୟ ନୁହେଁ ଯେ, ସେ ଅନ୍ୟ ଲୋକମାନଙ୍କୁ ଚୋର କିମ୍ବା ଦୋଷୀ ବୋଲି ସମ୍ବୋଧନ କରୁ । ଯଦି ସେ ଏହିପରି ଶବ୍ଦ ଦ୍ୱୟ ପ୍ରୟୋଗ କରେ ତେବେ ଏକ ଉପଦ୍ରବ ସୃଷ୍ଟି ହୋଇଯିବ । ସୁତରାଂ ହ. ମସିହ୍ ମଉଦ୍ ଅ.ସ ଲୋକମାନଙ୍କର ଦୋଷ ଦୁର୍ବଳତା ପ୍ରକାଶ କରି ସେଗୁଡ଼ିକୁ ଚିହ୍ନିତ କରନ୍ତି । ତେବେ ସେହି ବ୍ୟକ୍ତିମାନଙ୍କର ସଂଶୋଧନ ନିମନ୍ତେ ଓ ସେମାନଙ୍କର କୁଧାରଣାରୁ ଲୋକମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଏପରି ଶବ୍ଦର ପ୍ରୟୋଗ କରିଛନ୍ତି । କିନ୍ତୁ ଯେଉଁଠି ଆପଣ ଅ.ସଙ୍କ ଅସ୍ତିତ୍ୱର ପ୍ରଶ୍ନ ରହିଛି ସେଠାରେ ଆପଣ ଅ.ସ ନିଜ ସଂକ୍ରାନ୍ତରେ କୁହନ୍ତି: "ମୁଁ ବିରୋଧୀମାନଙ୍କର ଗାଳୁ ଗୁଲଚ ଶୁଣି ସେମାନଙ୍କ ନିମନ୍ତେ ଦୁଆ (ପ୍ରଭୁଙ୍କ ନିକଟରେ ସେମାନଙ୍କ ନିମନ୍ତେ କ୍ଷମା ପ୍ରାର୍ଥନା କରିଥାଏ) କରିଥାଏ ଓ କହେ ଅଲ୍ଲାଃତାଲା ସେମାନଙ୍କ ଉପରେ ଦୟା ପ୍ରଦର୍ଶନ କରନ୍ତୁ । କାରଣ ମୁଁ ସେମାନଙ୍କର ଉତ୍ସାହ ଓ କ୍ରୋଧକୁ ହ୍ରାସ କରିଛି ।" ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ଏହି ଶିକ୍ଷା ଦେଇଛନ୍ତି ଯେ, ଅନ୍ୟମାନଙ୍କର କଠୋରତା ତଥା କ୍ରୂରତାକୁ ଧୈର୍ଯ୍ୟର ସହିତ ସହ୍ୟ କର ।

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଉଦାହରଣ ଦେଇ କୁହନ୍ତି ଯେ, ଏକଦା ହ. ମସିହ୍ ମଉଦ୍ ଅ.ସ ଲାହୋର ଅଭିମୁଖେ ଗାଡ଼ିରେ ବସି ଯାଉଥିଲେ କି ହଠାତ୍ ବଦ୍‌ମାଶ୍ ଲୋକମାନେ ଆପଣ ଅ.ସଙ୍କ ଉପରେ ଟେକା ପଥର ଫିଙ୍ଗିବା ଆରମ୍ଭ କରିଦେଲେ ଏବଂ ସେହି ଟେକା ପଥରଗୁଡ଼ିକ ଆପଣ ଅ.ସଙ୍କ ଗାଡ଼ିରେ ଆସି ବାଜୁଥିଲା । ଘୋଡ଼ା ଗାଡ଼ି ଥିଲା, ବନ୍ଦ ଝରକା ଥିଲା । କିନ୍ତୁ ଏହି ବିରୋଧୀମାନେ ଯାହାକିଛି କରୁଥିଲେ ତାହା ହ. ମସିହ୍ ମଉଦ୍ ଅ.ସଙ୍କ କପାଳରେ ଚିନ୍ତାର କୌଣସି ରେଖାପାତ କରୁ ନଥିଲା । ଝରକା କାଚ ଭାଙ୍ଗି କେତେକ ଟେକା ପଥର ମଧ୍ୟ ଆସି ବାଜୁଥିଲା ଏବଂ ଆପଣ ଅ.ସଙ୍କର ଯେଉଁ ଧୈର୍ଯ୍ୟ ରହିଥିଲା ସେହି ଧୈର୍ଯ୍ୟର ପ୍ରଭାବ ହେତୁ ସେହି ଲୋକମାନଙ୍କ ମଧ୍ୟରୁ ଶତାଧିକ ହ. ମସିହ୍ ମଉଦ୍ ଅ.ସଙ୍କ ଦାସତ୍ୱରେ ଆସି ପ୍ରବିଷ୍ଟ ହୋଇ ଯାଉଥିଲେ । ସୁତରାଂ ଏହିଭଳି ଆଚରଣ ଆମମାନଙ୍କୁ ଆଜି ମଧ୍ୟ ପ୍ରଦର୍ଶନ କରିବାକୁ ହେବ ।

ଯଦି କୌଣସି ବ୍ୟକ୍ତି ବିରୋଧ କରିବାରେ ବ୍ୟକ୍ତିଗତ ସ୍ୱାର୍ଥ ଏବଂ ମନର ବିଦ୍ୱେଷ ଯୋଗୁଁ ଆପଣ ଅ.ସଙ୍କ ପ୍ରତି ଶତ୍ରୁତା ପ୍ରଦର୍ସନ କରିବା ନିମନ୍ତେ ଆଗେଇ ଯାଇଛି ତେବେ ଅଲ୍ଲାଃତାଲା ସ୍ୱୟଂ ସେହି ବ୍ୟକ୍ତି ଠାରୁ ପ୍ରତିଶୋଧ ଅବଶ୍ୟ ନେବେ। କିନ୍ତୁ ସର୍ତ୍ତ କେବଳ ଏତିକି ଯେ, ଆପଣମାନେ ଧୈର୍ଯ୍ୟର ସହିତ ଦୁଆକୁ ମଧ୍ୟ ବିନିଯୋଗ କରନ୍ତୁ । ଆଁହଜରତ ସ.ଅଙ୍କ କାଳରେ ଅନେକ ଲୋକ ଆପଣ ସ.ଅଙ୍କ କିମ୍ବା ସାହାବାମାନଙ୍କର ଧୈର୍ଯ୍ୟ ଓ ଉତ୍ସାହକୁ ଦେଖିବା ମାତ୍ରେ ହିଁ ଇସ୍‌ଲାମ୍ ଧର୍ମ ଗ୍ରହଣ କରି ନେଇଥିଲେ । ସାଂପ୍ରତିକ କାଳରେ ମଧ୍ୟ ଏହି ଉଦାହରଣ ଦେଖିବାକୁ ମିଳୁଛି। ଯେପରିକି ହ. ମୁସ୍‌ଲେହ୍ ମଉଦ୍ ର.ଅ ଉପରୋକ୍ତରେ ବର୍ଣ୍ଣନା କରିଛନ୍ତି । ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ମଧ୍ୟ ଆପଣ ଅ.ସଙ୍କ ଧୈର୍ଯ୍ୟକୁ ଅବଲୋକନ କରି ଲୋକମାନେ ଜମାଅତେ ଅହେମଦିୟାରେ ପ୍ରବିଷ୍ଟ ହୋଇଥିଲେ । **(ଖୁତ୍‌ବାତେ ମେହ୍‌ମୁଦ୍ ର.ଅ, ଭାଗ-9, ପୃ-130-140ରୁ ଆନୀତ)** ଏବଂ ଆଜି ମଧ୍ୟ ଏବଂ ଏବେ ମଧ୍ୟ ଆମେମାନେ ଅବଲୋକନ କରୁଛେ ଯେ, କେତେକ ପତ୍ର ମୋତେ ବିଭିନ୍ନ ରାଷ୍ଟ୍ରରୁ ଆସିଥାଏ । ଅର୍ଥାତ ଅନେକ ଲୋକ ଜମାଅତ୍‌ର ଉକ୍ତ ଇତିହାସକୁ ଦେଖି ଜମାଅତ୍‌ରେ ସାମିଲ୍ ହୋଇଥାଆନ୍ତି ।

ହ. ମସିହ୍ ମଉଦ୍ ଅ.ସ ନିଜ ଜମାଅତ୍‌କୁ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଉପଦେଶ ଦେଇ କୁହନ୍ତି : "ଧୈର୍ଯ୍ୟ ଏକ ଅମୂଲ୍ୟ ରତ୍ନ ଅଟେ । ଯେଉଁ ବ୍ୟକ୍ତି ଧୈର୍ଯ୍ୟ ପ୍ରଦର୍ଶନକାରୀ ହୋଇଥାଏ ଏବଂ କ୍ରୋଧ ଦ୍ୱାରା ପୂର୍ଣ୍ଣ ହୋଇ କଥା କୁହେ ନାହିଁ ତେବେ ସେହି ବ୍ୟକ୍ତିର ବକ୍ତବ୍ୟ ନିଜର ହୋଇ ନଥାଏ ବରଂ ସେ ପ୍ରଭୁଙ୍କ ଠାରୁ ବକ୍ତବ୍ୟ କରାଇ ଥାଆନ୍ତି । ଜମାଅତ୍ ପକ୍ଷେ ଏହା ଉଚିତ୍ ହେବ ଯେ, ଧୈର୍ଯ୍ୟ ପ୍ରଦର୍ଶନ କରୁ ଓ ବିରୋଧୀମାନଙ୍କର କ୍ରୂରତା ପରେ କ୍ରୁରତା ପ୍ରଦର୍ଶନ ନକରୁ ଏବଂ ଗାଳି ବଦଳରେ ଅନ୍ୟକୁ ଗାଳି ନଦେଉ । ଯେଉଁ ବ୍ୟକ୍ତି ମୋତେ ମିଥ୍ୟାଚାରୀ ବୋଲି କହେ ତା' ପକ୍ଷେ ଏହା ଅନିର୍ବାର୍ଯ୍ୟ ନୁହେଁ ଯେ, ସେ ଶିଷ୍ଟ ହୋଇ କଥା କହୁ ।" ଏହା ଆବଶ୍ୟକ ନୁହେଁ ଯେ, ବ୍ୟକ୍ତି ହ. ମସିହ୍ ମଉଦ୍ ଅ.ସଙ୍କ ନାମ ସମ୍ମାନପୂର୍ବକ ନେଉ । ଏହାର ଉଦାହରଣ ଆଁହଜରତ ସ.ଅଙ୍କ ଜୀବନରେ ମଧ୍ୟ ଅନେକାଂଶରେ ଦେଖିବାକୁ ମିଳେ । ଧୈର୍ଯ୍ୟ ପରି ଅନ୍ୟ କୌଣସି ବସ୍ତୁ ନାହିଁ । କିନ୍ତୁ ଧୈର୍ଯ୍ୟ କରିବା ଅତ୍ୟନ୍ତ କାଠିକର ପାଠ କାର୍ଯ୍ୟ ଅଟେ । ଅତଏବ୍ ଯେଉଁ ବ୍ୟକ୍ତି ଧୈର୍ଯ୍ୟ ପ୍ରଦର୍ଶନ କରେ ବା ଧୈର୍ଯ୍ୟକୁ ବିନିଯୋଗ କରେ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ସାହାଯ୍ୟ କରିଥାଆନ୍ତି । **(ମଲଫୁଜାତ୍, ଭାଗ-8, ପୃ-200, ପ୍ରକାଶନ ବର୍ଷ-1984 ମସିହା)**

ପୁନଶ୍ଚ ଜମାଅତର ଅବସ୍ଥାର ନକ୍‌ସା ଅଙ୍କନ କରି ଓ ନବାଗତମାନଙ୍କର ସମସ୍ୟାର ଚର୍ଚ୍ଚ କରି ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଉପଦେଶ ଦେଇ ଆପଣ ଅ.ସ କୁହନ୍ତି: "ଆମ ଜମାଅତ୍ ପାଇଁ ମଧ୍ୟ ଏହି ପ୍ରକାରର ସଙ୍କଟ ଏବଂ ସମସ୍ୟା ରହିଛି ଯେପରି ଆଁହଜରତ ସ.ଅଙ୍କ ସମୟରେ ମୁସଲମାନମାନେ ସମ୍ମୁଖୀନ ହୋଇଥିଲେ । ସୁତରାଂ ନୂତନ ଏବଂ ସର୍ବପ୍ରଥମ ସଙ୍କଟ, ବିଡ଼ମ୍ବନା ଏହିକିଯେ, ଯେତେବେଳେ କୌଣସି ବ୍ୟକ୍ତି ଏହି ସଂପ୍ରଦାୟରେ ପ୍ରବିଷ୍ଟ ହୁଏ ସେତବେଳେ ତୁରନ୍ତ ବନ୍ଧୁ, ପରିଜନ,ସଂପର୍କୀୟ ଓ ଆତ୍ମୀୟ ସ୍ୱଜନମାନେ ଭିନ୍ନ ହୋଇ ଯାଆନ୍ତି। ଏପର୍ଯ୍ୟନ୍ତ କି ବେଳେବେଳେ ମାତା ପିତା ଓ ଭାଇ ଭଉଣୀମାନେ ମଧ୍ୟ ଶତ୍ରୁ ପାଲଟି ଯାଆନ୍ତି । **ଅସ୍ସ ସଲାମୁ ଅଲୈକୁମ୍** ମଧ୍ୟ କହିବାକୁ ଉଚିତ୍ ବୋଲି ମନେକରନ୍ତି ନାହିଁ ଏବଂ ଯନାଜାଃ ମଧ୍ୟ ପାଠ କରିବାକୁ ଚାହାନ୍ତି ନାହିଁ । ଏହି ପ୍ରକାରର ଅନେକ ସଙ୍କଟ ତଥା ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ିଥାଏ ।" ଆପଣ ଅ.ସ କୁହନ୍ତି : "ମୁଁ ଜାଣେ ଯେ, କେତେକ ଦୂର୍ବଳ ସ୍ୱଭାବର ବ୍ୟକ୍ତିମାନେ ମଧ୍ୟ ହୁଅନ୍ତି ସେମାନେ ଏହିପରି ଦୁଃସ୍ଥ ପରିସ୍ଥିତିରେ ଧୈର୍ଯ୍ୟହରା ହୋଇ ପଡ଼ନ୍ତି । କିନ୍ତୁ ମନେରଖ ଯେ, ଏହି ପ୍ରକାରର ସମସ୍ୟା ବା ସଂକଟ ଆସିବା ମଧ୍ୟ ବାଞ୍ଛନୀୟ ଅଟେ । କାରଣ ତୁମେମାନେ ଅବତାର ଏବଂ ବାର୍ତ୍ତାବହମାନଙ୍କ ଠାରୁ ବଡ଼ ନାହଁ। ସେମାନଙ୍କ ଉପରେ ଏହି ପ୍ରକାରର ସମସ୍ୟା ଓ ବିପତ୍ତି ଆସିଥିଲା ଏବଂ ଏହା ଏଇଥିପାଇଁ ଆସିଥାଏ ଯେ, ଭକ୍ତର ପ୍ରଭୁଙ୍କ ଉପରେ ବିଶ୍ୱାସ ସଦୃଢ ହେଉ । ତେଣୁ ବିଶ୍ୱାସକୁ ସୁଦୃଢ କରିବା ନିମନ୍ତେ ଏହି ବିପତ୍ତି ଆସିଥାଏ । କାରଣ ଏକ ପବିତ୍ର ପରିବର୍ତ୍ତନର ଅବସର ପ୍ରାପ୍ତ ହେଉ । **(ଅବଶିଷ୍ଟାଂଶ ପରବର୍ତ୍ତୀ ଶୁମାରାରେ........................)**

## ପୃ-2ର ଅବଶିଷ୍ଟାଂଶ.........

ଲାଗିଲା ଓ ଏହାପରେ ସେ ଶାନ୍ତି ତଥା ନିଶ୍ଚିନ୍ତ ହୋଇ ତା'କୁ ସ୍ତନ୍ୟପାନ କରିବାକୁ ଲାଗିଲା । ରସୁଲ୍ କରୀମ ସ.ଅ ଯେତେବେଳେ ଏହି ଦୃଶ୍ୟକୁ ଦେଖିଲେ ସେତେବେଳେ କହିବାକୁ ଲାଗିଲେ ତୁମେମାନେ ଯେଉଁ ମହିଳାର ଅଧୀରତାର ଏବ ବ୍ୟାକୁଳିତତାର ଦୃଶ୍ୟ ଅବଲୋକନ କଲ ଏହାଠୁ ବି ଅଧିକ ବ୍ୟାକୁଳତା ଅଲ୍ଲାଃତାଲାଙ୍କୁ ନିଜର ପାପୀ ଭକ୍ତ ପ୍ରାପ୍ତ ହେବା ଯୋଗୁଁ ହୋଇଥାଏ । **(ମୁସ୍‌ଲିମ୍ କିତାବୁତ୍ ତୌବା)**

ଏଠାରେ ଯେଉଁ ପ୍ରସଙ୍ଗ କୁହଯାଇଛି ଯେ, ତୁମେ ସେମାନଙ୍କୁ ମଦିରା ଦ୍ୱାରା ମତୁଆଲା (ନିଶାସକ୍ତ) ହେବାର ଦେଖିବ । କିନ୍ତୁ ସେମାନେ ମଦ୍ୟ ଦ୍ୱାରା ମତୁଆଲା ହେବେ ନାହିଁ । ଏହାର ଅର୍ଥ ଏହିକି ଯେ, ଯେପରି ମତୁଆଲା ବ୍ୟକ୍ତିର ଆଚରଣ ତା' ନିୟନ୍ତ୍ରଣରେ ନଥାଏ ଠିକ୍ ସେହିପରି ଭୟ ଯୋଗୁଁ ସେହି ଲୋକମାନଙ୍କର ଆଚରଣ ମଧ୍ୟ ସେମାନଙ୍କ ନିୟନ୍ତ୍ରଣରେ ହେବ ନାହିଁ । ଭୟଙ୍କର ଯୁଦ୍ଧ ଅବସ୍ଥାରେ ମଧ୍ୟ ଲୋକମାନଙ୍କର ମଧ୍ୟ ସମାନ ଅବସ୍ଥା ହୋଇଥାଏ । ସୁତରାଂ ଉକ୍ତ ଆୟତ୍‌କୁ ଯଦି ଯୁଦ୍ଧ ଉପରେ ଚରିତାର୍ଥ କରାଯାଏ ତେବେ ମୋ ନିକଟରେ ଏହା ମକ୍କା ବିଜୟ ଉପରେ ହିଁ ଚରିତାର୍ଥ କରାଯିବା ଉଚିତ୍ । ଉକ୍ତ ସୁରାଃର ନାମ ସୁରତୁଲ୍ ହଜ୍ ରଖାଯଇଛି । ଯହିଁରେ ଏହା ଇଙ୍ଗିତ କରାଯାଇଛି ଯେ, ଏକ ମହାଯୁଦ୍ଧ ଫଳରେ ମୁସଲମାନମାନଙ୍କ ପାଇଁ ହଜ୍ କରିବା ସମ୍ଭବପର ହୋଇଯିବ । ଏହି ପ୍ରସଙ୍ଗ ମନେରଖିବା ଉଚିତ୍ ଯେ, ଅନେକ ସୁରତ୍‌ଗୁଡ଼ିକର ନାମ ରସୁଲ୍ କରୀମ ସ.ଅ ସ୍ୱୟଂ ରଖିଛନ୍ତି । ଉକ୍ତ ସୁରାଃର ତୃତୀୟ ରୁକୁରେ ହଜ୍‌ର ଚର୍ଚ୍ଚା ମଧ୍ୟ ରହିଛି । ହ. ଇବ୍ରାହିମ୍ ଅ.ସଙ୍କର ମଧ୍ୟ ଚର୍ଚ୍ଚା ରହିଛି । ଯାହାଙ୍କ ମାଧ୍ୟମରେ ହଜ୍ଜେ ବୈତୁଲ୍ଲାଃ (ଖାନା କାଆବରା ହଜ୍ ବା ପରିକ୍ରମା) କରିବା ସ୍ଥାପନ ହେଲା । ଅତଏବ୍ ଉକ୍ତ ଆୟତ୍ ଏକ ମହାଯୁଦ୍ଧ ଆଡ଼କୁ ଇଙ୍ଗିତ କରେ । ଏହାପରେ ମୁସଲମାନମାନଙ୍କ ନିମନ୍ତେ ହଜ୍ କରିବାର ମାର୍ଗ ଉନ୍ମୁକ୍ତ ହୋଇଯିବା ନିୟତିକୃତ ଥିଲା । ☆ ☆ ☆

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan